
ଧରିତ୍ରୀ
DHARITRI
April 5-11, 2026 ₹2/-
ଧରିତ୍ରୀ DHARITRI 52 Years
ଛୁଟିଦିନ

# ଅମୃତ ଧାରା

**ଜଳ ହିଁ ଜୀବନ, ପୁଣି ଜଳ ବିଭିନ୍ନ ରୋଗର ରକ୍ଷାକାରୀ। ଏହି ଜୀବନ ରକ୍ଷାକାରୀ ଔଷଧୀୟ ଜଳ ଉତ୍ସ ହେଉଛି ଓଡ଼ିଶାରେ ଥିବା ବିଭିନ୍ନ ଝରଣା, ଉଷ୍ଣ ପ୍ରସ୍ରବଣ ଓ ପୋଖରୀ ଆଦିର ଜଳ। ମଣିଷ ପାଇଁ ଅମୃତ ପାଲଟିଥିବା ସେମିତି କେତୋଟି ଜଳଉତ୍ସ ସମ୍ପର୍କରେ...**



ପ୍ରଚ୍ଛଦ ପ୍ରସଙ୍ଗ ୩

# ଗୁଣର ଭଣ୍ଡାର ସିଝା ଚିନାବାଦାମ

ଚିନାବାଦାମ ଖାଇବା ଅନେକଙ୍କର ପସନ୍ଦ । ତେବେ ଭଜା ଚିନାବାଦାମ ତୁଳନାରେ ସିଝା ଚିନାବାଦାମ ଖାଇଲେ ଶରୀରକୁ ଅନେକ ଉପକାର ମିଳିଥାଏ । ପ୍ରଥମତଃ ଭଜା ଚିନାବାଦାମ ତୁଳନାରେ ଏହା ସେତେ ବେଶୀ ଗ୍ୟାସ ସମସ୍ୟା ସୃଷ୍ଟି କରେନାହିଁ । ଦ୍ୱିତୀୟତଃ ଚିନାବାଦାମକୁ ସିଝାଇ ଖାଇଲେ ଏହା କମ୍ପ୍ଲିଟ୍ ମିଲ୍‌ର କାମ ଦେଇଥାଏ । ଅର୍ଥାତ୍ ସିଝା ଚିନାବାଦାମରୁ କିଛି ଖାଇଦେଲେ କିଛି ସମୟ ପାଇଁ ଏହା ଭୋକକୁ ନିୟନ୍ତ୍ରଣରେ ରଖିଦିଏ । ତା'ଛଡ଼ା ଭଜା ଚିନାବାଦାମ ତୁଳନାରେ ସିଝା ଚିନାବାଦାମରେ ଆଣ୍ଟି ଅକ୍ସିଡାଣ୍ଟ ଗୁଣ ଟିକେ ଅଧିକ ରହୁଥିବାରୁ, ଏହା ଶରୀରରେ ରୋଗପ୍ରତିରୋଧକ ଶକ୍ତି ବଢାଇବାରେ ସହାୟକ ହୋଇଥାଏ । ତା'ଛଡ଼ା ଶରୀରର ଓଜନ କମ୍ କରାଇବାରେ ବି ଏହା ବେଶ୍ ସହାୟକ ହୋଇଥାଏ । କୁହାଯାଏ, ଗୁଡ଼ ସହିତ ସିଝା ଚିନାବାଦାମ ଖାଇଲେ ଏହା ଆଣ୍ଠୁଗଣ୍ଠି ଦରଜ ସମସ୍ୟାରୁ କେତେକାଂଶରେ ମୁକ୍ତି ଦେଇଥାଏ । ଦୃଷ୍ଟିଶକ୍ତିକୁ ପ୍ରଖର କରିବା ଓ ହାର୍ଟ ପାଇଁ ବି ଏହାକୁ ଖାଇବା ବହୁତ ଲାଭଦାୟକ ହୋଇଥାଏ ।



ଶରୀରରେ ରକ୍ତର ପରିମାଣ କମ୍ ଥିଲେ କିମ୍ବା ବ୍ଲଡ୍ ସୁଗାରକୁ ନିୟନ୍ତ୍ରଣରେ ରଖିବାର ଥିଲେ ଅଥବା ସ୍ମରଣଶକ୍ତିକୁ ବଢାଇବାର ଥିଲେ ସିଝା ଚିନାବାଦାମ ଖାଇବା ଅତି ଉତ୍ତମ । ସେଥିପାଇଁ ଅନେକେ ସିଝା ଚିନାବାଦାମକୁ ଗୁଣର ଭଣ୍ଡାର ବୋଲି ବି କହିଥାନ୍ତି ।

## ଫିଟିକିରିର ବାସ୍ତୁ ମହତ୍ତ୍ୱ

**ଆଣ୍ଟିସେପ୍ଟିକ୍ ଗୁଣରେ ଭରା ଫିଟିକିରିର ବାସ୍ତୁ ମହତ୍ତ୍ୱ ବି ଯଥେଷ୍ଟ ରହିଛି। ଘର ହେଉ ଅବା କର୍ମକ୍ଷେତ୍ରର ସକାରାତ୍ମକତା ବଜାୟ ରଖିବାରେ ଏହା ବେଶ୍ ପ୍ରଭାବଶାଳୀ ହୋଇଥାଏ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି ।**

* ନକାରାତ୍ମକ ଶକ୍ତିକୁ ପ୍ରତିହତ କରିବାର କ୍ଷମତା ଫିଟିକିରିରେ ରହିଛି । ପ୍ରତିଦିନ ପାଣିରେ ଟିକିଏ ଫିଟିକିରି ମିଶାଇ ଘର ପୋଛିଲେ ; ଏହା ଘରୁ ଦୁଃଖ, ଚାପ ଓ ନକାରାତ୍ମକ ଶକ୍ତିକୁ ଦୂର କରିଥାଏ ବୋଲି ବିଶ୍ୱାସ ।

* ବ୍ୟବସାୟରେ କ୍ଷତି ହେଉଥିଲେ ; କଳା କପଡ଼ାରେ ଫିଟିକିରି ବାନ୍ଧି ବ୍ୟବସାୟ ସ୍ଥାନର ମୁଖ୍ୟ ଦ୍ୱାରରେ ଟାଙ୍ଗି ଦିଅନ୍ତୁ । ଏହା ବ୍ୟବସାୟରେ ସମୃଦ୍ଧି ଆଣିବା ସହ ଖରାପ ନଜରକୁ ହ୍ରାସ କରିଥାଏ ବୋଲି ବିଶ୍ୱାସ ।

* ପିଲାମାନେ ରାତିରେ ଭୟଙ୍କର ସ୍ୱପ୍ନ ଦେଖି ଡରୁଥିଲେ, ମଙ୍ଗଳବାର କିମ୍ବା ଶନିବାର



ରାତିରେ ଶୋଇବା ସମୟରେ ସେମାନଙ୍କ ବିଛଣା ପାଖରେ କିଛି ଫିଟିକିରି ରଖିଦେଲେ ନିଦ ଭଲ ହେବା ସହ ଦୁଃସ୍ୱପ୍ନ ଆସି ନଥାଏ ।

* ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ବାରମ୍ବାର ଝଗଡା ହେଉଥିଲେ, କଳା କପଡ଼ାରେ ଫିଟିକିରି ବାନ୍ଧି ସେମାନଙ୍କ ବିଛଣା ତଳେ ରଖିଦେଲେ ସମ୍ପର୍କ ନିବିଡ଼ ହେବା ସହ ମାନସିକ ଚାପ ହ୍ରାସ ପାଏ ।

* ଦୀର୍ଘ ଦିନ ଧରି ଋଣ ଶୁଝି ପାରୁ ନଥିଲେ, ବୁଧବାର ଦିନ ଖଣ୍ଡେ ଫିଟିକିରିରେ ସିନ୍ଦୁର ଲଗାଇ, ତାହାକୁ ପାନ ପତ୍ର ଓ ସୂତାରେ ଗୁଡ଼ାଇ ସନ୍ଧ୍ୟାବେଳେ ଏକ ଅଶ୍ୱତ୍ଥ ଗଛ ମୂଳରେ ପୋତି ଦେଲେ ସମସ୍ୟା ସମାଧାନ ହୁଏ ବୋଲି ଲୋକବିଶ୍ୱାସ ରହିଛି ।

* କାହାକୁ ଖରାପ ନଜର ଲାଗିଥିଲେ, ଫିଟିକିରି ମିଶ୍ରିତ ପାଣିରେ ଗାଧୋଇ ପଡିଲେ, ସୁଫଳ ମିଳେ ବୋଲି ବିଶ୍ୱାସ ।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

**ଏପ୍ରିଲ୍ ୫-୧୧, ୨୦୨୬**

**ମେଷ**
ବିଶିଷ୍ଟବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ, କାର୍ଯ୍ୟହାସଲର ସୁଯୋଗ, ସମସ୍ୟା ସମାଧାନ ହେବ, ପରିସ୍ଥିତି ବଦଳିଯିବ, କଚେରୀ ମାମଲାରେ ଫାଇଦା, ଫଳପ୍ରଦ ଆଲୋଚନା କରିବେ, ପାରିବାରିକ ସ୍ଥିତିରେ ଉନ୍ନତି, ଦୂରଯାତ୍ରାର ଯୋଜନା, ସଭାସମିତିରେ ପ୍ରଶଂସା ॥

**ବୃଷ**
ଦୂରଦର୍ଶିତାର ପ୍ରଶଂସା, ବିପଦକୁ ପ୍ରତିହତ କରିବେ, ବୈଷୟିକ ଅଭିବୃଦ୍ଧି ଘଟିବ, ପରିବାରରେ ସ୍ୱାସ୍ଥ୍ୟହାନୀ, ସାହିତ୍ୟାନୁରାଗ, ସଙ୍ଗୀତ ଶିକ୍ଷାରେ ରୁଚି, ନୂତନ ଗୃହାରମ୍ଭ କରିପାରନ୍ତି, ବାଣିଜ୍ୟରେ ପ୍ରତିବନ୍ଧକ, ନୂତନ ବନ୍ଧୁସମ୍ପର୍କ ॥

**ମିଥୁନ**
ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନେବେ, ପାରିବାରିକ ସ୍ଥିତିରେ ଉନ୍ନତି, କର୍ମକ୍ଷେତ୍ର ମନ୍ଦ ହେବନି, ରାଜନୈତିକ ପୃଷ୍ଠପୋଷକତା, ପ୍ରଶାସନିକ ଆଲୋଚନା, ବନ୍ଧୁଙ୍କ ସହଯୋଗ, ପରୀକ୍ଷାରେ କୃତିତ୍ୱ, ସାଂଗଠନିକ ବିଶୃଙ୍ଖଳା, ଆର୍ଥିକ ସମସ୍ୟାରେ ମନସ୍ତାପ ॥

**କର୍କଟ**
ପରିସ୍ଥିତିର ବିଷମତା, କର୍ମକ୍ଷେତ୍ରରେ ବିବାଦ, ଋଣ ପରିଶୋଧର ଚିନ୍ତା, ଭ୍ରାତୃସମ୍ପର୍କରେ ଉନ୍ନତି, ଭାଗୀଦାର ବ୍ୟବସାୟରେ କଳହ, ସୀମାବିବାଦରୁ ବିତର୍କ, ଯାନବାହନରେ ତ୍ରୁଟି ॥

**ସିଂହ**
ମାଙ୍ଗଳିକ କାମର ପ୍ରସ୍ତୁତି, ଆତ୍ମୀୟଙ୍କ ପରାମର୍ଶ, ରୋଗପୀଡା କମିବ, ସାମୟିକ ଆଶ୍ୱସ୍ତି ଲାଭ, ଯାତ୍ରାରେ ଜିନିଷ ବଦଳ, କାର୍ଯ୍ୟାରମ୍ଭ, ବ୍ୟବସାୟିକ ସଫଳତା, ଜମିଜମା ବିବାଦ, ଆୟକର ସମ୍ପର୍କୀୟ ସମସ୍ୟା, ଅବହେଳିତ ଫାଇଲ୍ କାମ ପୁଣି ଆରମ୍ଭ ॥

**କନ୍ୟା**
ପାରିବାରିକ ଶାନ୍ତି, ପରିସ୍ଥିତି ବଦଳିଯିବ, ବନ୍ଧୁବର୍ଗଙ୍କ ରୋଷ, ନୂତନ ଯାନ୍ତ୍ରିକଜିନିଷ କ୍ରୟ, ଗାଡିମୋଟର ନବୀକରଣ, ଅଭାବବୋଧ ଦୂରେଇଯିବ, ଜମିଜମା ବିକ୍ରୟ, ନୂତନ ଚୁକ୍ତିପତ୍ର, ଶେୟାର ବଜାରରେ ପୁଞ୍ଜି ଲଗାଣ, ରିଏଲଇଷ୍ଟେଟ୍ ସମ୍ବନ୍ଧୀୟ ସମସ୍ୟା ।

**ତୁଳା**
ନୂତନ କର୍ମାରମ୍ଭ, ଆନୁସଙ୍ଗିକ ସମର୍ଥନପ୍ରାପ୍ତି, ପରିବାରରେ ତର୍କବିବାଦ, ସ୍ୱାସ୍ଥ୍ୟ ସମସ୍ୟାରୁ ଦୁଃଶ୍ଚିନ୍ତା, ବ୍ୟବସାୟିକ କ୍ଷେତ୍ର ସ୍ଥାନାନ୍ତର, ପଡୋଶୀଙ୍କ ଇର୍ଷାଅସୂୟା, ସଭା ସମିତିକୁ ନିମନ୍ତ୍ରଣ, ଧାର୍ମିକ କାର୍ଯ୍ୟ କରିବେ, ଲେଖାପଢାରେ କୁଶଳ, ନୂତନ ବନ୍ଧୁସମ୍ପର୍କ ॥

**ବିଛା**
କର୍ମକ୍ଷେତ୍ରରେ ବିତର୍କ, ଭୁଲ୍ ନିଷ୍ପତିରୁ ସମାଲୋଚନା, ବିବାଦର ଅବସାନ, ରଚନାତ୍ମକ କାର୍ଯ୍ୟାରମ୍ଭ, ପ୍ରତିଦ୍ୱନ୍ଦ୍ୱିତାରେ ଜୟଯୁକ୍ତ, ଶାସ୍ତ୍ରୀୟସଙ୍ଗୀତରେ ଅନୁରାଗ, ସ୍ୱାସ୍ଥ୍ୟରେ ଉନ୍ନତି, ନୂତନସ୍ଥାନ ପରିଦର୍ଶନ, ଧର୍ମକାର୍ଯ୍ୟର ଯୋଜନା, ଆର୍ଥିକ ଦୂରବସ୍ଥା,ବନ୍ଧୁଙ୍କ ପ୍ରତାରଣା ।

**ଧନୁ**
ଅର୍ଥନୈତିକ ଅଭିବୃଦ୍ଧି, ଆଲୋଚନା ପରିସରରେ ମିତ୍ରତା, ନିୟନ୍ତ୍ରିତ ସ୍ୱାସ୍ଥ୍ୟ ସମସ୍ୟା, ବ୍ୟକ୍ତିକୈନ୍ଦ୍ରିକ ଚିନ୍ତାଧାରା, ପକ୍ଷପାତିତା ମନୋଭାବ, ଉନ୍ନୟନମୂଳକ କାମରେ ବାଧା, ଆଲୋଚନା ବିଫଳ, ସମନ୍ୱୟର ଅଭାବ, ଦୃଢ ପଦକ୍ଷେପ ନେବେ ॥

**ମକର**
ସମସ୍ୟାରେ ସନ୍ତୁଳିତ ହେବେ, ଅତୀତ ଅନୁଭୂତିର ଅନୁଚିନ୍ତା, ସାଂଗଠନିକ ଦକ୍ଷତା ବୃଦ୍ଧି, କୌଶଳକାମ ହାସଲ, ସଭା ସମିତିକୁ ଆହ୍ୱାନ, ସହକର୍ମୀଙ୍କ ସହାନୁଭୂତି, ପରିବହନରେ ଝଗଡା, ଆଧାତ୍ମିକତାରେ ଉନ୍ନତି, କଚେରୀ ମାମଲାରେ ଫାଇଦା, ହୋଟେଲ ଶିଳ୍ପରେ ଉନ୍ନତି ॥

**କୁମ୍ଭ**
ଅବହେଳାରୁ କାର୍ଯ୍ୟହାନୀ, କୈଫିୟତ ତଲବ, ସହକର୍ମୀଙ୍କ ସହୃଦୟତା, ସାମୟିକ ଆଶ୍ୱସ୍ତି ଲାଭ, କରଜଦାତାଙ୍କ ଚାପ, ପିଲାଙ୍କ ସ୍ୱାସ୍ଥ୍ୟହାନୀ, ନିର୍ମାଣରେ ଦ୍ୱନ୍ଦ୍ୱ, ମନ ଭାରାକ୍ରାନ୍ତ ରହିବ, ଶିଳ୍ପବାଣିଜ୍ୟରେ ଉନ୍ନତି, ବନ୍ଧୁମିଳନରୁ ଆନନ୍ଦ, ସାମାଜିକ ସମ୍ମାନପ୍ରାପ୍ତି ॥

**ମୀନ**
କର୍ମକ୍ଷେତ୍ରରେ ପାରଦର୍ଶିତା, ଜନହିତକର କାର୍ଯ୍ୟାରମ୍ଭ, ବୁଦ୍ଧିଜିବୀଙ୍କ ପ୍ରଶଂସା, ଏଜେନ୍ସିପ୍ ବଢିବ, ପବ୍ଲିକେଶନରେ ସମସ୍ୟା, ମନୋରଞ୍ଜନ କାର୍ଯ୍ୟକ୍ରମରେ ବିବାଦ, ନୂତନ ଅଫର୍ ପାଇପାରନ୍ତି, ତୀର୍ଥାଟନର ସୁଯୋଗପ୍ରାପ୍ତି ॥

## ପାଠକୀୟ

* ମୃଦାଏ ପାଣି: କେତେବେଳେ ପାଲଟିଯାଏ ଅମୃତର ବାରିଧାରା ତ ଆଉ କେତେବେଳେ ଟାଣି ନେଇଯାଏ ମୃତ୍ୟୁର ଦ୍ୱାରଦେଶକୁ । ତେଣୁ ଏଭଳି ଏକ ସମୟୋପଯୋଗୀ ବିଷୟକୁ ନେଇ ଉପସ୍ଥାପନା ହୋଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'ପାଣିରେ ରହିଛି ବିଷ' ଶୀର୍ଷକ ଆଲେଖ୍ୟଟି ତଥ୍ୟପୂର୍ଣ୍ଣ ହେବା ସହ ପ୍ରେରଣାଦାୟୀ ଥିଲା ।

**– ବିରଜା ଛାଟୋଇ, ରସୁଲଗଡ଼, ଭୁବନେଶ୍ୱର**

* ଜଳ ହିଁ ଜୀବନ । କିନ୍ତୁ ଯେବେ ଏହି ଜଳ ଜହର ପାଲଟେ ଜୀବନ ହୋଇଯାଏ ଦୁର୍ବିସହ । ଯେମିତିକ ଘଟିଛି ଓଡ଼ିଶାର ବିଭିନ୍ନ ଅଞ୍ଚଳରେ । ଆଉ ଯାହାକୁ ନେଇ ଛୁଟିଦିନରେ ପ୍ରକାଶିତ ସ୍ୱତନ୍ତ୍ର ପ୍ରଚ୍ଛଦ ପ୍ରସଙ୍ଗ 'ପାଣିର ରହିଛି ବିଷ'ଟି ତଥ୍ୟପୂର୍ଣ୍ଣ ହେବା ସହ ମନଛୁଆଁ ହୋଇଥିଲା । 'ଘରେ କେଉଁ ଗଛ ଥିଲେ ଦୁର୍ଭାଗ୍ୟ ବଢ଼େ', 'ଆଲୋଭେରା ଗଛର ବାସ୍ତୁ ମହତ୍ତ୍ୱ ' ଶୀର୍ଷକ ପାଠରୁ ବହୁ ଅଜଣା କଥା ଜାଣିହେଲା । **– ପ୍ରଣତି ସେଠୀ, ଆଳି, କେନ୍ଦ୍ରାପଡ଼ା**

* 'ବିସ୍ମୟ ଜଳାଶୟ' ପାଠଟିରୁ ବହୁ ଅଜଣା ଓ ରୋଚକ କଥା ଜାଣିହେଲା । 'କାଠ ଚୁଲି' ଶୀର୍ଷକ ଗପଟି ମନଛୁଆଁ ହୋଇଥିଲା । ସିନେମା ପୃଷ୍ଠାଟି ଆକର୍ଷଣୀୟ ଲାଗୁଥିଲା । ଏଥିରେ ସ୍ଥାନିତ 'ଅପେକ୍ଷା ଟାଇଟଲକୁ', 'କପି ରାଇଟର ଅଭିନେତା' ଆଦି ପାଠଗୁଡ଼ିକ ମର୍ମସ୍ପର୍ଶୀ ଥିଲା ।

**– ପୂରବୀ ପ୍ରଧାନ, ସାକ୍ଷୀଗୋପାଳ, ପୁରୀ**


* ସାହିତ୍ୟିକ ନଳିନୀକାନ୍ତ ନାୟକଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ପ୍ରେରଣାଦାୟୀ ଥିଲା । ରାମେଶ୍ୱର ଗଡ଼ ସମ୍ପର୍କରେ ଛୁଟିଦିନରୁ ବହୁ ଅଜଣା କଥା ଜାଣି ଖୁସି ଲାଗିଲା । ଅନନ୍ୟ ପର୍ଯ୍ୟଟନସ୍ଥଳୀ ରତ୍ନାଗିରି ସମ୍ପର୍କରେ ସହରଠୁ ଦୂର ପୃଷ୍ଠାରୁ ପଢି ବହୁ ଉପାଦେୟ କଥା ଜାଣିହେଲା । **– ରାଜଶ୍ରୀ ପରିଡ଼ା, କଟକ**

* ନୋଜ ପିଅର୍ସିଂ ପଛର ବିଜ୍ଞାନ କ'ଣ, ତାହା ବିବିଧ ପୃଷ୍ଠାରୁ ପଢି ଜାଣିହେଲା । ବ୍ୟଙ୍ଗ 'ଅଥ ବଥ ଠାକୁରାଣୀ କଥା' ପାଠଟି ଶିକ୍ଷଣୀୟ ହେବା ସହ ମନଛୁଆଁ ହୋଇଥିଲା । ବ୍ୟାକପେଜ୍ ପୃଷ୍ଠାରେ ସ୍ଥାନିତ ଛୋଟଛୋଟ ରୋଚକପୂର୍ଣ୍ଣ ପାଠଗୁଡ଼ିକର ଉପସ୍ଥାପନା ଶୈଳୀ ବି ବେଶ୍ ମନଛୁଆଁ ହୋଇଥିଲା । ସାଥୀର ଉତ୍ତରଗୁଡ଼ିକ ବି ରୋମାଣ୍ଟିକ୍ ଭରା ଲାଗୁଥିଲା ।

**– ଜୟନ୍ତ ଜେନା, ବଲାଙ୍ଗୀର**

**ଛୁଟିଦିନ ପାଇଁ ଲେଖା ଓ ଚିଠି ପଠାଇବାର ଇ-ମେଲ୍ ଠିକଣା:**
chhutidinadharitri@gmail.com

## ବିଶେଷ ଚିଠି



ପାଣିରେ ରହିଛି ବିଷ
ଥିଲା ଏଥରର ପ୍ରଚ୍ଛଦ ପ୍ରସଙ୍ଗ,
ଲାଗୁଥିଲା ନିଆରା ଯେମିତି
ଦେଉଥିଲା ତଥ୍ୟ ବି ସେମିତି ।
ବିସ୍ମୟ ଜଳାଶୟ ଥିଲା
ଏକ ନିଆରା ଆଲେଖ୍ୟ,
ମନ କିଣି ନେଉଥିଲା
ତୁମ ସୃଜନର ଗପ ।
ସତରେ ହେ ପ୍ରିୟ ଛୁଟିଦିନ,
ତୁମର ସବୁଯାକ ପୃଷ୍ଠା ଲାଗେ
ଭାରି ନୂତନ ।

**– ରମାକାନ୍ତ ଦାଶ, ଝାରପଡ଼ା, ଭୁବନେଶ୍ୱର**

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Adyasha Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795



# ଅମୃତଧାରା

ଜଳ ଆମ ଜୀବନ। ଜଳ ବିନା ବଞ୍ଚିବା ସମ୍ଭବ ନୁହେଁ ବୋଲି ଜଳକୁ ଅମୃତର ନାଁ ଦିଆଯାଇଛି। ଏହି ଜଳ ପାଇଁ ଆମେ ଆମ ଚାରିପାଖରେ ଥିବା ନଦ, ନଦୀ, ଝରଣା ଆଦି ଅନେକ ଜଳଉତ୍ସ ଉପରେ ନିର୍ଭର କରିଥାଉ। ଏହାରି ଜଳ ଆମ ଜୀବନ ଧାରଣର ମାଧ୍ୟମ। ଏହି ଜଳରେ ଆମେ ଶୋଷ ମେଣ୍ଟାଉ ପୁଣି ଦୈନନ୍ଦିନ ଜୀବନରେ ବ୍ୟବହାର ବି କରୁ। ତେବେ ବିଭିନ୍ନ ସ୍ଥାନରେ ଏପରି ବି କିଛି ଜଳ ଉତ୍ସ ଅଛି ; ଯାହାର ପାଣି ମଣିଷ ପାଇଁ ଅମୃତ ସଦୃଶ। ଏମିତି କିଛି ସ୍ଥାନ ଓଡ଼ିଶାରେ ବି ରହିଛି ; ଯାହାର ଜଳଉତ୍ସ ଶରୀରର ରୋଗପ୍ରତିରୋଧକ ଶକ୍ତି ବଢାଇବା ସହ ବିଭିନ୍ନ ରୋଗରୁ ରକ୍ଷା କରିଥାଏ। ଏହିସବୁ ଜଳଉତ୍ସ ମଧ୍ୟରେ ଆସେ ବଣପାହାଡ଼ରେ ଥିବା ଝରଣା, ଉଷ୍ଣପ୍ରସ୍ରବଣ ଓ ବିଭିନ୍ନ ପୁଷ୍କରିଣୀ ; ଯାହାର ଜଳରେ ଭରି ରହିଛି ଅନେକ ଔଷଧୀୟ ଗୁଣ। ଯେଉଁ ଜଳକୁ ପାନକରି ବା ସେଥିରେ ସ୍ନାନ କରି ଲୋକମାନେ ଅନେକ ରୋଗରୁ ଆରୋଗ୍ୟ ଲାଭ କରୁଛନ୍ତି। ଏହିସବୁ ସ୍ଥାନର ଜଳରେ ଆରୋଗ୍ୟ ହେବାର କାରଣ କେବଳ ବିଶ୍ୱାସ ନୁହେଁ ବରଂ ଏହା ପଛରେ ରହିଛି ସେହି ଅଞ୍ଚଳରେ ଥିବା ବିଭିନ୍ନ ଗଛଲତା, ଚେରମୂଳିର ପ୍ରଭାବ। ସେମିତି କେତେକ ଜଳଉତ୍ସ ସମ୍ପର୍କରେ ...

**ଗୋଠଗାଡ଼ିଆ:** ପୁରୀ –ଭୁବନେଶ୍ୱର ୨୦୩ ନଂ ଜାତୀୟ ରାଜପଥର ସାତଶଙ୍ଖ ନିକଟସ୍ଥ ନିର୍ମଳା ଛକ  କଡ଼ରେ ଦୃଷ୍ଟି ଗୋଚର ହୁଏ ଏକ ତୋରଣ। ଯେଉଁଥିରେ ଲେଖା ହୋଇଛି ବାଲିଗାଁ ଭକ୍ତ ଦାସିଆ ବାଉରୀ ପୀଠକୁ ଯିବା ପାଇଁ ରାସ୍ତା। ଏହି ଜାତୀୟ ରାଜପଥ ଠାରୁ ଗ୍ରାମ୍ୟ ରାସ୍ତାରେ କିଛି ଦୂର ଯିବା ପରେ ପଡ଼ିବ ବାଲି ଗାଁ ; ଯେଉଁଠି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭକ୍ତ ଶିରୋମଣି ଦାସିଆ ବାଉରୀଙ୍କ ପବିତ୍ର ଜନ୍ମସ୍ଥାନ ରହିଛି। ଭକ୍ତ ଦାସିଆଙ୍କ ଲୀଳା ଅନ୍ୟୂନ ଷୋଳଶହ ଶତାବ୍ଦୀର କଥା। ମହାପ୍ରଭୁ ଜଗନ୍ନାଥଙ୍କ ପ୍ରେମରେ ବନ୍ଧା  ଦାସିଆ, ସବୁବେଳେ ଜଗନ୍ନାଥଙ୍କ ନାମ ଗାଉଥିଲେ। ଭାଗବତ ଶୁଣୁଥିଲେ। କିନ୍ତୁ ଥରେ ପାଖ ପ୍ରହରାଜପୁରର ଜଣେ ବ୍ରାହ୍ମଣ ଶ୍ରୀଗୁଣ୍ଡିଚା ଯାତ ଦେଖିବାକୁ ଶ୍ରୀକ୍ଷେତ୍ର  ଧାମକୁ ଯାଉଥିବାରୁ ଦାସିଆ  ବାଉରୀ କହିଥିଲେ ବ୍ରାହ୍ମଣ ଗୋସେଇଁ ତୁମେତ ଶ୍ରୀକ୍ଷେତ୍ର ଯାଉଛ ଏଇ ନଡ଼ିଆ  ଦୁଇଟି ନେଇ ଶ୍ରୀଜଗନ୍ନାଥଙ୍କୁ ଦେଇ ଦେବ, ଆଉ କହିବ ବାଲିଗାଁ ଦାସିଆ ପଠାଇଛି । ଯଦି ସେ ନିଜେ ହାତରେ  ନେବେ ତ  ନିଅନ୍ତୁ  ନ ହେଲେ  ଫେରାଇ ଆଣିବ।  ସତକୁ ସତ ସେଦିନ  ଭକ୍ତ ଦାସିଆ ପଠାଇଥିବା  ଶ୍ରୀଫଳକୁ ମହାପ୍ରଭୁ କାଳିଆ ସାଆନ୍ତ ଶୂନ୍ୟରେ  ଭୁଜ ବଢ଼ାଇ ଗ୍ରହଣ କରିଥିଲେ। ସତରେ ଦାସିଆଙ୍କ ଭକ୍ତିରେ କେତେ ନିବିଡ଼ତା କେତେ ଆତ୍ମୀୟତା। ଏମିତି କଥା ରହିଛି ଯୁଗ ଯୁଗକୁ। ଏବେ ସେହି ପୀଠରେ ରହିଛି ଶ୍ରୀଜଗନ୍ନାଥଙ୍କ ମନ୍ଦିର, ଭକ୍ତ ଦାସିଆଙ୍କ ପ୍ରତିମୂର୍ତ୍ତି, ପଦ୍ମ ପୋଖରୀ, ତୁଳସୀ ଉଦ୍ୟାନ, ଭକ୍ତ ଦାସିଆଙ୍କ ସମାଧି ପୀଠ, ମଠ ଏବଂ ଗୋଠଗାଡ଼ିଆ ପୋଖରୀ। ଏଇ ପୋଖରୀରେ ଭକ୍ତ ଦାସିଆ  ପଞ୍ଚସଖାଙ୍କୁ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ  ଦଶାବତାର ରୂପ ଦେଖାଇଥିଲେ  ବୋଲି ରାମ ଦାଶଙ୍କ ରଚିତ ଦାର୍ଢ୍ୟତା ଭକ୍ତିରେ ଉଲ୍ଲେଖ ରହିଛି। ଐତିହାସିକ ଗୋଠଗାଡ଼ିଆ ୧୯ ଡିସିମିଲ ପରିମିତ । ଏଠାରେ କେହି ଶୌଚ ହୁଅନ୍ତି ନାହିଁ। କେବଳ ପୂଜା କର୍ମଲାଗି ଜଳ ଗ୍ରହଣ କରାଯାଇଥାଏ। ଲୋକମୁଖରେ ଶୁଣିବାକୁ ମିଳେ, ବହୁତ ଦିନ ତଳେ ଥରେ ଗୋଠଗାଡ଼ିଆରେ  କେହି ଜଣେ  ମାଛଟିଏ ଧରି ନେଇ ସେହି ମାଛକୁ କଡ଼େଇରେ  ଭାଜିବା ପାଇଁ ପ୍ରସ୍ତୁତ କଲାବେଳେ ଦେଖିଲା ବେଳକୁ କଡ଼େଇ ସାରା  ରକ୍ତ । ସେହି ଦିନଠାରୁ  ଆଜି ଯାଏ କେହି  ଏହି ପୋଖରୀରୁ ମାଛ ଧରନ୍ତି ନାହିଁ  କି ଖାଆନ୍ତି ନାହିଁ। ତେବେ ସବୁଠୁ ବଡ଼ କଥା ହେଲା, ଏହି ପବିତ୍ର ଗୋଠଗାଡ଼ିଆରେ ଥରେ ବୁଡ଼ ପକାଇଲେ ଚର୍ମରୋଗ ଭଲ ହୋଇଯାଏ ବୋଲି ବିଶ୍ୱାସ ରହିଛି ।  ଏଠାକୁ ଆସିଥିବା ଜଣେ ଶ୍ରଦ୍ଧାଳୁ ଶ୍ରୀମତୀ ବେହେରା କୁହନ୍ତି, ‘ଏହା ସତ୍ୟ, ଆଉ ମୁଁ ନିଜେ ଚର୍ମରୋଗରୁ ଆରୋଗ୍ୟ ଲାଭ କରିଛି।’  ଅନେକ ଶ୍ରଦ୍ଧାଳୁଙ୍କର ମତ ବି ଏଇଆ ଯେ, ବିଶ୍ୱାସରେ ପବିତ୍ର ଗୋଠଗାଡ଼ିଆରୁ ଜଳ ନେଇ ସ୍ନାନ କଲେ ଚର୍ମରୋଗରୁ ଉପଶମ ମିଳିଥାଏ।

**ପାପନାଶିନୀ ଝରଣା:** ବିଶ୍ୱାସ ପାଖରେ ସବୁ ସମ୍ଭବ। ହରିଶଙ୍କର ପାପନାଶିନୀ ଝରଣାରେ ସ୍ନାନ କଲେ ବିଭିନ୍ନ ଚର୍ମ ରୋଗ ଭଲ ହେବା ସହ ମାନସିକ ରୋଗୀ ସ୍ନାନ କଲେ ସେମାନେ ବି ଆରୋଗ୍ୟ ହୁଅନ୍ତି। ଏହି ସ୍ଥାନ ହେଉଛି ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକର ପ୍ରମୁଖ ପୁଣ୍ୟ କ୍ଷେତ୍ର ହରିଶଙ୍କରର ପାପନାଶିନୀ ଝରଣା। ଏହି ଝରଣା କୂଳରେ ରହିଛି ହରିଶଙ୍କରଙ୍କ ମନ୍ଦିର। ମନ୍ଦିରରେ ଗୋଟିଏ ସ୍ଥାନରେ ପ୍ରଭୁ ହରି ଓ ଶଙ୍କର ପୂଜା ପାଉଛନ୍ତି। ପ୍ରତି ଦିନ ହଜାର ହଜାର ଶ୍ରଦ୍ଧାଳୁ ପାପ ନାଶିନୀ ଝରଣାରେ ସ୍ନାନ କରି ଠାକୁର ଦର୍ଶନ କରିଥାନ୍ତି। ପୌରାଣିକ କଥାବସ୍ତୁରୁ ଶୁଣିବାକୁ ମିଳେ ପାପନାଶିନୀ ଝରଣାରେ ସ୍ନାନ କରି ଦେବଦେବ ମହାଦେବ ଗୋହତ୍ୟା ପାପରୁ ମୁକ୍ତ ହୋଇ ଥିବା ବେଳେ ଦ୍ୱାପର ଯୁଗରେ ଅର୍ଜୁନ ଗଣ୍ଡା ଭାବି ଗୋବଧ କରିଥିଲେ ଏବଂ ଗୋବଧ ପାପ ତାଙ୍କୁ ଲାଗିଥିଲା। ସେ ମଧ୍ୟ ଏହି ଗନ୍ଧମାର୍ଦ୍ଦନ ପାହାଡ଼ର ନୃସିଂହନାଥ ଗୋକୁଣ୍ଡ ଓ ହରିଶଙ୍କର ପାପନାଶିନୀ ଝରଣାର ଗୋକୁଣ୍ଡରେ ସ୍ନାନ କରି ଗୋହତ୍ୟା ପାପରୁ ମୁକ୍ତ ହୋଇଥିଲେ ବୋଲି ମହାଭାରତ ପୁରାଣରେ  ରହିଛି। ସେହିପରି ତ୍ରେତୟା ଯୁଗର ରାବଣ ଦ୍ୱାରା ଲକ୍ଷ୍ମଣ ଶକ୍ତିଭେଦର ଶିକାର ହୋଇଥିବା ବେଳେ ହନୁମାନ ଗନ୍ଧମାର୍ଦ୍ଦନ ପର୍ବତ ଆଣିବା ବେଳେ ପାହାଡ଼ର କିଛି ଅଂଶ ଓ ବୃକ୍ଷରାଜି ଏଠାରେ ପଡିଥିବାର କୁହାଯାଏ। ଏହି ଗନ୍ଧମାର୍ଦ୍ଦନ ପର୍ବତରେ ରହିଛି ଅନେକ ଔଷଧୀୟ ବୃକ୍ଷରାଜି। ଯାହା ମଧ୍ୟରେ →







ରହିଛି ବିଶଲ୍ୟକରଣୀ, ଶତାବରୀ, ହରିଡ଼ା, ବାହାଡ଼ା, ଅଁଳା, ବେଲ, କରଞ୍ଜ, ବିଭିନ୍ନ ପ୍ରକାରର ତୁଳସୀ ବୃକ୍ଷ, ପାତାଳଗରୁଡ଼, ରାମକେଦାର ଆଦି ଏକ ହଜାରରୁ ଅଧିକ ଔଷଧୀୟ ବୃକ୍ଷଲତା। ଏହି ଗନ୍ଧମାର୍ଦ୍ଦନ ପାହାଡ଼କୁ ଦୁଇବର୍ଷ ତଳେ ଜୈବ ବିବିଧତା ଐତିହ୍ୟସ୍ଥଳୀର ମାନ୍ୟତା ମିଳିଛି। ତେଣୁ ପ୍ରକୃତ କାରଣ ହେଉଛି ଔଷଧୀୟ ବୃକ୍ଷରାଜିର ସଂସ୍ପର୍ଶରେ ଝରଣାର ଜଳ ବୋହି ଆସୁଥିବାରୁ ସେହି ବୃକ୍ଷର ଔଷଧୀୟ ଗୁଣ ଏହି ପାଣିରେ ମିଶିକି ରହିଛି ; ଯାହା ଲୋକମାନଙ୍କୁ ବିଭିନ୍ନ ରୋଗରୁ ଆରୋଗ୍ୟଲାଭ କରାଉଛି।

**ଅତ୍ରି:** ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି ଅତ୍ରି। ଏହାର ଉଷ୍ମ ଓ ଗନ୍ଧକଯୁକ୍ତ ପାଣି ସର୍ବଦା ଲୋକଙ୍କୁ ଆକୃଷ୍ଟ କରିଆସିଛି। ଏଥିରେ ସ୍ନାନ କଲେ ପେଟ ଓ ଚର୍ମ ରୋଗ ଭଲ ହୁଏ ବୋଲି ବିଶ୍ୱାସ ରହିଛି। ରାଜ୍ୟ ରାଜଧାନୀ ଭୁବନେଶ୍ୱରଠାରୁ ପ୍ରାୟ ୪୫ କିମି ଦୂର ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ବାଘମାରି ଗ୍ରାମପଞ୍ଚାୟତ ଅନ୍ତର୍ଗତ ଅତ୍ରିଠାରେ ରହିଛି ଏହି ଉଷ୍ମ ପ୍ରସ୍ରବଣ। ଖୋର୍ଦ୍ଧା-ବଲାଙ୍ଗୀର ୫୭ ନଂ. ଜାତୀୟ ରାଜପଥରେ ଯିବାପରେ ବାଘମାରି ଛକଠାରୁ ଦକ୍ଷିଣ ଦିଗକୁ ୨ କିମି ଦୂରରେ ରହିଛି ହଟକେଶ୍ୱର ମନ୍ଦିର। ଏହାର ଅନତି ଦୂରରେ ଉଷ୍ମପ୍ରସ୍ରବଣ। ଏହି ଉଷ୍ମପ୍ରସ୍ରବଣର ମୁଖ୍ୟ କୁଣ୍ଡରେ ପାଣିର ତାପମାତ୍ରା ସବୁବେଳେ ୫୭ ଡିଗ୍ରୀରୁ ଅଧିକ ରହିଥାଏ। ମୁଖ୍ୟ କୁଣ୍ଡକୁ ଲାଗି ରହିଛି ୪ଟି ଶାଖା କୁଣ୍ଡ। ବର୍ଷ ତମାମ ଏଠାରେ ଲୋକଙ୍କ ଭିଡ଼ ଜମେ। ମୁଖ୍ୟ କୁଣ୍ଡର ଉପରି ଭାଗରେ ନିର୍ମିତ ଏକ କୁଣ୍ଡରେ ସର୍ବଦା ପାଣି ଫୁଟୁଥିବା ଦେଖିପାରିବେ। ବୈଜ୍ଞାନିକ ଓ ପୌରାଣିକ ଦୃଷ୍ଟିକୋଣରୁ ଏହି ସ୍ଥାନର ଅନେକ ମହତ୍ତ୍ୱ ରହିଛି। ଦିନକୁ ଦିନ କୁଣ୍ଡର ଚତୁଃପାର୍ଶ୍ୱ ପଥର ଖଣ୍ଡ ଖସୁଛି। ଏଥିପାଇଁ ଅତ୍ରି କୁଣ୍ଡକୁ ଆବଦ୍ଧ କରି ଏକ ରିଙ୍ଗ ବନ୍ଧ କରାଯାଇଛି। ଏଥି ସହିତ ପର୍ଯ୍ୟଟକଙ୍କ ଆମୋଦ ପ୍ରମୋଦ ପାଇଁ ଖେଳ ସାମଗ୍ରୀ, ରେଷ୍ଟ ହାଉସ ଓ ଥଣ୍ଡା ପାଣିରେ ଗାଧୋଇବା ପାଇଁ ମଧ୍ୟ ଅନ୍ୟ ଏକ ବିଶାଳ କୁଣ୍ଡ ରହିଛି। ପରମ୍ପରା ମୁତାବକ ମକର ସଂକ୍ରାନ୍ତି ଦିନ ଭୋରରୁ ଅତ୍ରି ଉଷ୍ମ ପ୍ରସ୍ରବଣ ଦହଲ(ମାନସିକ) କୁଣ୍ଡରେ ଶତାଧିକ ମାନସିକଧାରୀ ମହିଳା ଗୁଆ ଖୋଜିଥାନ୍ତି। ଏହି ଗୁଆ ଭକ୍ଷଣ କଲେ ସେମାନଙ୍କ ମାନସିକ ପୂରଣ ହୁଏ ବୋଲି ଲୋକକଥା ଶୁଣିବାକୁ ମିଳେ। ତେବେ ଗନ୍ଧକଯୁକ୍ତ ପାଣି ହିଁ କେତେକ ରୋଗରୁ ଆରୋଗ୍ୟର ହେବାର କାରଣ ବୋଲି କୁହାଯାଏ।





**ସପ୍ତଶଯ୍ୟା:** ପ୍ରାକୃତିକ ସବୁଜିମା ସୌନ୍ଦର୍ଯ୍ୟରେଭରା ଢେଙ୍କାନାଳ ଜିଲାର ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ସପ୍ତଶଯ୍ୟା ପର୍ଯ୍ୟଟକମାନଙ୍କୁ ବର୍ଷ ତମାମ ଆକର୍ଷିତ କରିଥାଏ। ସାତଟି ପାହାଡ଼ ମଧ୍ୟରେ ସପ୍ତଶଯ୍ୟା ଅବସ୍ଥିତ। ପୌରାଣିକ କଥାବସ୍ତୁ ଅନୁଯାୟୀ ବନବାସ ସମୟରେ ଏଠାରେ ପାଣ୍ଡବମାନେ ବସବାସ କରୁଥିଲେ। ଓଡ଼ିଶାର ଅନ୍ୟତମ ପ୍ରସିଦ୍ଧ ଶୈବପୀଠ କପିଳାସ ପୀଠରେ ବାବା ଚନ୍ଦ୍ରଶେଖର, ନାରାୟଣ, ବିଶ୍ୱନାଥଦେବଙ୍କ ମନ୍ଦିର ରହିଛି। ୬୦ ଦଶକରେ ଢେଙ୍କାନାଳ ଗଡ଼ର ରାଜମାତା ରତ୍ନପ୍ରଭା ଦେବୀ ଏଠାରେ ମହାପ୍ରଭୁ ଶ୍ରୀରାମଙ୍କ ଭବ୍ୟ ମନ୍ଦିର ନିର୍ମାଣ କରିଥିଲେ। ସପ୍ତଶଯ୍ୟା ଏକ ସଂରକ୍ଷିତ ଜଙ୍ଗଲ। ଏହାର ସବୁଜବନାନୀ ବଣପାହାଡ଼ ମଧ୍ୟରେ ଝରଣା କୁଳୁକୁଳୁ ନାଦରେ ବହିଯାଇଛି। ଏହି ପବିତ୍ର ପୀଠ ସମ୍ପର୍କରେ କିମ୍ବଦନ୍ତୀ ଓ ପୌରାଣିକ କଥା ରହିଛି। ଏଠାକାର ଜଙ୍ଗଲରେ ବହୁ ସଂଖ୍ୟାରେ ଶାଳ ଓ ଶାଗୁଆନ ଗଛ ଦେଖିବାକୁ ମିଳେ। ବିଭିନ୍ନ ଔଷଧୀୟ ବୃକ୍ଷକୁ ସ୍ପର୍ଶ କରି ପ୍ରକୃତିର ବରଦାନ ସ୍ୱରୂପ ଝରଣାଟି ପାହାଡ ମଧ୍ୟରୁ ପାଦଦେଶ ପର୍ଯ୍ୟନ୍ତ ବହିଯାଇଛି। କଥାରେ ଅଛି ଏହି ଝରଣାର ପାଣି ପିଇଲେ ରୋଗ ଭଲ ହୋଇଯାଏ। ଏପରି କି ଏହି ପାଣିରେ ଗାଧୋଇଲେ ଚର୍ମରୋଗ ଭଲ ହୋଇଯାଏ। ପ୍ରତିବର୍ଷ ରାଜ୍ୟର ବିଭିନ୍ନ ସ୍ଥାନରୁ ଏବଂ ଜିଲା ମଧ୍ୟରୁ ବଣଭୋଜି ପାଇଁ ଆସୁଥିବା ପର୍ଯ୍ୟଟକମାନେ ଭୋଜି ପାଇଁ ଏହି ପାଣିକୁ ବ୍ୟବହାର କରିଥାନ୍ତି। କିନ୍ତୁ ଝରଣାର ରକ୍ଷଣାବେକ୍ଷଣ ନ ହେବା ଏବଂ କାଠ ବ୍ୟବସାୟୀମାନେ ବଡ଼ବଡ଼ ଗଛ କାଟି ଚୋରି କରି ନେଉଥିବାରୁ ଏହାର ପ୍ରଭାବ ଝରଣା ଉପରେ ମଧ୍ୟ ପଡୁଛି। ବିଭିନ୍ନ ସ୍ଥାନରେ କଂକ୍ରିଟ କାମ ଯୋଗୁ ଝରଣାର ପ୍ରାକୃତିକ ସ୍ରୋତ ମଧ୍ୟ ପ୍ରଭାବିତ ହେଉଛି। ବନ୍ୟପ୍ରାଣୀଙ୍କ ଭରସା ମଧ୍ୟ ଏହି ଝରଣା। ପ୍ରକୃତି କୋଳରେ ସବୁଜିମା ପରିବେଶ ମଧ୍ୟରେ ବହିଯାଉଥିବା ଝରଣା ଜଳରେ ଔଷଧୀୟଗୁଣ ଥିବାରୁ ଶ୍ରଦ୍ଧାଳୁ ଭକ୍ତମାନେ ସ୍ନାନ ଓ ପାନ କରିଥାନ୍ତି। ଆଗକୁ ଝରଣାର ରକ୍ଷଣାବେକ୍ଷଣର ଆବଶ୍ୟକତା ରହିଛି।

**ଅସୁରକୁମାରୀ:** ନୟାଗଡ଼ ଜିଲାର ରଣପୁର ଅଞ୍ଚଳରେ ଥିବା ଅସୁରକୁମାରୀ ପାହାଡ଼ ଜଙ୍ଗଲ ଓ ଝରଣା ପରିବେଷ୍ଟିତ ଏକ ପ୍ରାକୃତିକ ପରିବେଶ। ଏଠାକୁ ଆସିବାକୁ ହେଲେ ରାଜଧାନୀ ଭୁବନେଶ୍ୱରରୁ ଖୋର୍ଦ୍ଧା ଜଙ୍କିଆ- ରଣପୁର ଦେଇ ଆସିଲେ ପ୍ରାୟ ୭୧ କିମି ହେବ। ବ୍ରହ୍ମପୁର ପଟୁ ନଂ.୧୬ ଜାତୀୟ ରାଜପଥରେ ଆସି ଚାନ୍ଦପୁରଠାରୁ ରଣପୁରକୁ ଆସି , ରଣପୁର ବଜାରଠାରୁ-ଶରଣକୁଳ ଯିବା ରାସ୍ତାରେ ପ୍ରାୟ ୬କିମି ଦୂରରେ ପଡ଼ିବ ବଜ୍ରକୋଟ ଛକ। ଏଠାରୁ ଅସୁରକୁମାରୀ ପ୍ରାୟ ୧କିମି ଦୂରହେବ। ଏକାଧିକ ପାହାଡ଼, ଜଙ୍ଗଲ ମଧ୍ୟରେ ବହିଯାଇଛି ଝରଣା। ଏହି ଅଞ୍ଚଳରେ ଅସୁରକୁମାରୀ ଝର, ଆମ୍ବଝର, ଚଣ୍ଡିଝର, ବଘେଇ ଝର, ଟଭାଝର, ଅଶୋକଝର ଆଦି ଏକାଧିକ ଝର ରହିଛି। ଏଠାରେ ଥିବା କେତେକ ଝର ବର୍ଷାଦିନେ ପ୍ରବାହିତ ହେଉଥିବା ବେଳେ ମୁଖ୍ୟତଃ ଅସୁରକୁମାରୀ ଝର ବର୍ଷର ସବୁ ସମୟରେ ଝରିଥାଏ। ଦେବୀ ଅସୁରକୁମାରୀଙ୍କ ମୂର୍ତ୍ତି ପାହାଡ଼ର ଦୁଇ ଖୋଲ ମଧ୍ୟରେ ରହିଛି। କିମ୍ବଦନ୍ତୀ ଅନୁସାରେ ଦେବୀ ଏଠାରେ ଅସୁରକୁ ମାରି ଥିବାରୁ ଏହାର ନାମ ଅସୁରକୁମାରୀ ହୋଇଛି। ଅସୁରକୁମାରୀ ଜଳପ୍ରପାତ ପାହାଡ଼ର ତଳ ଭାଗର ୪୦ଫୁଟ୍ ଉଚ୍ଚରୁ ତା' ତଳକୁ ୨୫ଫୁଟ୍ ଉଚ୍ଚରୁ ଏବଂ ତା'ତଳକୁ ୧୦ଫୁଟ୍‌ରୁ ଜଳ ପ୍ରବାହିତ ହେଉଛି। ଜଳପ୍ରପାତ ତଳେ ପାଖକୁ ଲାଗି ଅସୁରକୁମାରୀ ମନ୍ଦିର ରହିଛି। ଏହାର ପାଦ ଦେଶରେ ଦେବୀ ପୂଜା ପାଉଛନ୍ତି। ଏହା ନିକଟରେ ରହିଛି ସ୍ନାନକୁଣ୍ଡ। ଏହାକୁ କାମନା ଦାୟିନୀ କୁଣ୍ଡ କୁହନ୍ତି। ଏଠାରେ ସ୍ନାନ କଲେ ପାଳି ଜ୍ୱର ହରଣ ହୁଏ ବୋଲି ବିଶ୍ୱାସ ରହିଛି। ଏହି ଜଳକୁଣ୍ଡର ଜଳ ପ୍ରବାହିତ ହୋଇ ପୁଷ୍କରିଣୀକୁ ଚାଲିଯାଏ। ମନ୍ଦାକିନୀ ନଦୀରେ ଏହା ପଡ଼ିଛି। ମାଘ ମାସରେ ଏଠାରେ ଯଜ୍ଞ ହୋଇଥାଏ। ବଜ୍ରକୋଟ ଗାଁ ସମେତ ଆଖପାଖ ଗାଁର ଲୋକମାନେ ଯୋଗଦେଇଥାନ୍ତି। ମା'ଙ୍କ ନିକଟରେ ଯଜ୍ଞ କଲେ ମନୋସ୍କାମନା ପୂରଣ ହୋଇଥାଏ। ଏହି ଜଙ୍ଗଲରେ ଶାଳ, ଶାଗୁଆନ କେନ୍ଦୁ, ଅଶନ, ପିଆଶାଳ ଆଦି ବୃକ୍ଷଲତା ରହିଥିବା ବେଳେ ବିଶେଷକରି ଉଡ଼ନ୍ତା ମୂଷାଙ୍କୁ ଦେଖିବାକୁ ମିଳେ। ଏହି ସ୍ଥାନଟି ଓଡ଼ିଶା ସରକାରଙ୍କ ଦ୍ୱାରା ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ପାଇଛି।

**ମଧୁ ତୀର୍ଥ:** ଯାଜପୁର ଜିଲା ରସୁଲପୁର ବ୍ଲକର ସିଂହପୁରରେ ପ୍ରତିବର୍ଷ ମହାବିଷୁବ ସଂକ୍ରାନ୍ତିରେ ପାଳିତ ହୁଏ ସିଂହପୁର ଯାତ୍ରା। ମଧୁତୀର୍ଥ ପୁଷ୍କରିଣୀରେ ନାରାୟଣ ଗୋସ୍ୱାଇଁ ପୋଖରୀ ପାଣିରୁ ୩ଦିନ ଲାଗି ବାହାରକୁ ଆସିଥିବା ବେଳେ ବୃନ୍ଦାବନ ଜୀଉଙ୍କ ମନ୍ଦିର ପ୍ରାଙ୍ଗଣରେ ପୂଜାର୍ଚ୍ଚନା କରାଯାଇଥାଏ। ବାକି ୩୬୨ଦିନ ସେହି ପବିତ୍ର ପୋଖରୀରେ ରୁହନ୍ତି। କଳାପାହାଡ଼ ଆକ୍ରମଣ ବେଳେ ମଧୁପୁରଗଡ଼ ରାଜା ନାରାୟଣ ଚନ୍ଦ୍ର ଧୀର ନରେନ୍ଦ୍ର ନାରାୟଣ ଗୋସ୍ୱାଇଁଙ୍କୁ ଏକ ନିରାପଦ ସ୍ଥାନ ଭାବି ଉକ୍ତ ପୋଖରୀରେ ଲୁଚାଇ ରଖିଥିଲେ ବୋଲି ଲୋକ କଥା ଓ କିମ୍ବଦନ୍ତୀ ରହିଛି। ଉକ୍ତ ପୁଷ୍କରିଣୀ ଜଳଗର୍ଭରେ ଠାକୁର ବିରାଜମାନ କରିବାଠାରୁ ଜଳର ସ୍ୱାଦ ପରିବର୍ତ୍ତନ ହୋଇଛି। ଶ୍ରଦ୍ଧାଳୁମାନେ ଶୁଦ୍ଧପୂତ ଭାବେ ପର୍ବ ସମୟରେ ସ୍ନାନ କରି ଜଳ ପାନ କଲେ ଶରୀର ଆରୋଗ୍ୟ ହୋଇଥାଏ ବୋଲି ବିଶ୍ୱାସ ରହିଛି। କେବଳ ଏହି ସ୍ଥାନ ନୁହେଁ, ଏପରି ଆହୁରି ଅନେକ ସ୍ଥାନ ରହିଛି, ଯେଉଁଠାର ଜଳ ସ୍ନାନ ଓ ପାନ ଦ୍ୱାରା ବିଭିନ୍ନ ରୋଗରୁ ଉପଶମ ମିଳିଥାଏ ବୋଲି ବିଶ୍ୱାସ ରହିଛି।

–ବନବିହାରୀ ବେହେରା, ରତନ ନାୟାର, ହରପ୍ରସନ୍ନ ପଣ୍ଡା, ଅଭୟ ତ୍ରିପାଠୀ, ରଞ୍ଜିତ ରାଉତ



# ଖରା ପାଇଁ ଲାଇଟ୍ ୱେଟ୍ ଜିନ୍ସ





**ଖ**ରାଦିନ ଆସିଲେ ଜିନ୍ସ ପ୍ରିୟ ଝିଅମାନଙ୍କର ଚିନ୍ତା ବଢ଼ିଯାଏ। କାରଣ ଜିନ୍ସର ମୋଟା କପଡ଼ା ଆଉ ଟାଇଟ୍ ଫିଟିଙ୍ଗ୍ ଯୋଗୁ ଖରାଦିନେ ଏହାକୁ ପିନ୍ଧିବା କମ୍ଫର୍ଟେବଲ୍ ଲାଗେନି। ସେଥିପାଇଁ ସେମାନେ ଜିନ୍ସକୁ ଛାଡ଼ି ଖରାଦିନେ ପାଇଜାମା, ଟ୍ରାଉଜର, କୁର୍ତ୍ତି-ଲେଗିଙ୍ଗ୍ସ ଆଦି ପିନ୍ଧି କାମ ଚଳେଇ ନିଅନ୍ତି। ହେଲେ ଜାଣିଲେ ଆଶ୍ଚର୍ଯ୍ୟ ହେବେ, ଏମିତି ବି କିଛି ଜିନ୍ସ ଅଛି ; ଯାହାକୁ ଖରାଦିନେ ପିନ୍ଧି ଦିନସାରା ବେଶ୍ କମ୍ଫର୍ଟେବଲ୍ ଅନୁଭବ କରିପାରିବେ। ଏହାର କଟିଙ୍ଗ୍ ଓ ଲାଇଟ୍ ୱେଟ୍ ଫାବ୍ରିକ୍ ଆରାମ ଦେବା ସହ ଝିଅମାନଙ୍କୁ ପରଫେକ୍ଟ ସମର୍ ଲୁକ୍ ବି ଦେଇଥାଏ।

**ଜିନ୍ସର ମୋଟା କପଡ଼ା ଆଉ ଟାଇଟ୍ ଫିଟିଙ୍ଗ୍ ଯୋଗୁ ଖରାଦିନେ ଏହାକୁ ପିନ୍ଧିବା କମ୍ଫର୍ଟେବଲ୍ ଲାଗେନା। ହେଲେ ଏମିତି ବି କିଛି ଜିନ୍ସ ଅଛି, ଯାହାର ଲାଇଟ୍ ୱେଟ୍ ଫାବ୍ରିକ୍ ଯୋଗୁ ଏହା ଖରାଦିନେ ବି ଆରାମ ଦିଏ ...**



* **ବୟଫ୍ରେଣ୍ଡ ଜିନ୍ସ:** ଖରାଦିନେ ପିନ୍ଧିବା ପାଇଁ ଏହି ଟାଇପ୍‌ର ଜିନ୍ସ ପରଫେକ୍ଟ ହୋଇଥାଏ। ଢିଲା-ଢାଲା ଓ ରିଲାକ୍ସ ଫିଟିଙ୍ଗ୍‌ରେ ଆସୁଥିବା ଏହି ଜିନ୍ସ ପ୍ୟାଣ୍ଟ ସାଙ୍ଗକୁ କ୍ରପ୍ ଟପ୍ସ ଅଥବା ଟେକ୍ସଚର୍ଡ ହ୍ୱାଇଟ୍ ଶାର୍ଟ ପିନ୍ଧିଲେ ଝିଅମାନଙ୍କୁ କମ୍ଫର୍ଟେବଲ୍ ଲୁକ୍ ମିଳେ। ଲୋଫର୍ସ ଅଥବା ସ୍ନିକର୍ସ ଏହି ଲୁକ୍‌କୁ ଆହୁରି ଆକର୍ଷଣୀୟ କରାଇଥାଏ।
* **ହ୍ୱାଇଟ୍ ୱାଇଡ୍-ଲେଗ୍ ଜିନ୍ସ:** ଖରାଦିନେ ଧଳାରଙ୍ଗର ପୋଷାକ ପିନ୍ଧିଲେ ବେଶି ଗରମ ଅନୁଭବ ହୁଏନି। ତା'ସହିତ ଏହି ରଙ୍ଗର ପୋଷାକକୁ ଦେଖିଲେ ଆଖିକୁ ବି ବେଶ୍ ଆରାମ ଅନୁଭବ ହୁଏ। ସେଥିପାଇଁ ଜିନ୍ସ ପ୍ରିୟ ଝିଅମାନେ ଚାହିଁଲେ ଖରାଦିନେ ହାଇ-ରାଇଜ ହ୍ୱାଇଟ୍ ୱାଇଡ୍-ଲେଗ୍ ଜିନ୍ସ ସାଙ୍ଗକୁ ପେଷ୍ଟାଲ୍ କଲର୍ ଯେମିତିକି ମିଣ୍ଟ ଗ୍ରୀନ୍ ଅବା ଲେମନ୍ ୟେଲୋ କଲର୍‌ର ଟପ୍ସ ପିନ୍ଧି ଆରାମରେ କ୍ଲାସିକ୍ ଲୁକ୍ ପାଇପାରିବେ।



* **ହ୍ୱାଇଟ୍ ସ୍କିନି ଜିନ୍ସ:** ସ୍କିନି ଜିନ୍ସ ପସନ୍ଦ କରୁଥିବା ଝିଅମାନେ ଖରାଦିନେ ଡାର୍କ ଶେଡ୍ସ ପରିବର୍ତ୍ତେ ସ୍ଲିକ୍ ହ୍ୱାଇଟ୍ ସ୍କିନି ଜିନ୍ସ ପିନ୍ଧି ଷ୍ଟାଇଲିଶ୍ ଲୁକ୍ ପାଇପାରିବେ। ତେବେ ଏହି ଟାଇପ୍‌ର ଜିନ୍ସ କିଣିଲାବେଳେ ଧ୍ୟାନ ଦେବେ ଏହାର ଫାବ୍ରିକ୍ ଯେମିତି ଷ୍ଟ୍ରେଚେବଲ୍ ଓ ପତଳା ରହୁଥିବ। ଏହା ସାଙ୍ଗକୁ ଲଙ୍ଗ୍ ଲିନେନ୍ ଶାର୍ଟ ଅଥବା କୁର୍ତ୍ତି ପିନ୍ଧି ଅଫିସ୍‌କୁ ବି ଆରାମରେ ଯାଇହେବ।
* **ହାଇ-ରାଇଜ୍ ଫ୍ଲେୟର୍ ଜିନ୍ସ:** କୁହାଯାଏ, ସତୁରି ଦଶକରେ ଏହି ଜିନ୍ସର କୁଆଡ଼େ ଖୁବ୍ ଚାହିଦା ରହୁଥିଲା। ଏହି ଟାଇପ୍‌ର ଜିନ୍ସ ଅଣ୍ଟା ଓ ଜଙ୍ଘ ପାଖରେ ଫିଟିଙ୍ଗ୍ ହୋଇ ରହୁଥିବାବେଳେ ତଳକୁ ଟିକେ ଢିଲା ରହେ ; ଯାହାକି ଝିଅମାନଙ୍କୁ ସ୍ଲିମ୍ ଓ ଟଲ୍ ଲୁକ୍ ଦେଇଥାଏ। ଆଉ ଏହି ଟାଇପ୍‌ର ଜିନ୍ସକୁ ଟକ୍-ଇନ୍ ଟି-ଶାର୍ଟ ଓ ୱେଜେସ୍ ଫୁଟ୍‌ୱେର୍ ସାଙ୍ଗେ ପେୟାର୍ କରି ପରଫେକ୍ଟ ସମର୍ ଲୁକ୍ ପାଇହୁଏ।



* **କ୍ଲାସିକ୍ ବ୍ଲୁ ଷ୍ଟ୍ରେଟ୍-ଲେଗ୍ ଜିନ୍ସ:** ଏହି ଟାଇପ୍‌ର ଜିନ୍ସ କେବେ ବି ଆଉଟ୍ ଅଫ୍ ଫ୍ୟାଶନ ହୁଏନି। ତେବେ ଖରାଦିନ ପାଇଁ ଡାର୍କ ବ୍ଲୁ ବଦଳରେ ଲାଇଟ୍ ବ୍ଲୁ କଲର୍‌ର ଜିନ୍ସ ଚୟନ କରିବା ଆରାମଦାୟକ ହୋଇଥାଏ। ଏହି ଜିନ୍ସର ଷ୍ଟ୍ରେଟ୍ କଟିଙ୍ଗ୍ ଷ୍ଟାଇଲ୍ ଏମିତି ହୋଇଥାଏ ଯେ, ଏହାକୁ ପିନ୍ଧିଲେ ନା ବେଶି ଫିଟିଙ୍ଗ୍ ଲାଗେ ନା ବେଶି ଢିଲା। ସେଥିପାଇଁ ଏହା ସବୁ ପ୍ରକାରର ବଡ଼ି ଟାଇପ୍‌କୁ ପରଫେକ୍ଟ ମ୍ୟାଚ୍ କରେ। ଫ୍ଲୋରାଲ୍ ପ୍ରିଣ୍ଟେଡ୍ ଟପ୍ ସାଙ୍ଗକୁ ଏହି ଜିନ୍ସ ସୁନ୍ଦର ମାନିଥାଏ।
* **ରିଲାକ୍ସଡ ଫିଟ୍ ଅବା ଲାଇଟ୍ ୱାଇଡ୍-ଲେଗ୍ ଜିନ୍ସ:** ଖରାଦିନର ସନ୍ଧ୍ୟା ସମୟରେ ସାଙ୍ଗମାନଙ୍କ ସହ କୁଆଡ଼େ ବାହାରକୁ ବୁଲି ଯାଉଥିଲେ, ସେ ସମୟରେ ରିଲାକ୍ସଡ ଜିନ୍ସ ହେଉ ଅବା ଲାଇଟ୍ ୱାଇଡ୍ ଲେଗ୍ ଜିନ୍ସ ପିନ୍ଧିବା ବେଶ୍ ଆରାମଦାୟକ ହୋଇଥାଏ। କାରଣ ଏହି ଟାଇପ୍ ଜିନ୍ସର କପଡ଼ା ଖୁବ୍ ହାଲୁକା ଓ ମୁଲାୟମ୍ ହୋଇଥାଏ। ବ୍ୟାକ୍‌ଲେସ୍ ଟପ୍ ଅଥବା ନୁଡଲ୍ ଷ୍ଟ୍ରାପ୍ କୁର୍ତ୍ତି ସାଙ୍ଗକୁ ଏହି ଜିନ୍ସ ଟ୍ରାଏ କରି ଝିଅମାନେ ଆରାମରେ ଫ୍ୟୁଜନ୍ ଲୁକ୍ କ୍ରିଏଟ୍ କରିପାରିବେ।



### କିଛି ଟିପ୍ସ

* ଖରାଦିନେ ଲାଇଟ୍ ଫାବ୍ରିକ୍‌ର ଜିନ୍ସ ଚୟନ କରିବା ଆବଶ୍ୟକ ; ଯାହାକି ଶତ ପ୍ରତିଶତ କଟନ୍ ଅଥବା ଲିନେନ ମିକ୍ସଡ୍ ଡେନିମ୍ ହୋଇଥିବ।
* ଲାଇଟ୍ ବ୍ଲୁ, ହ୍ୱାଇଟ୍ ଅଥବା ପେଷ୍ଟାଲ୍ କଲର୍‌ର ଜିନ୍ସ ପିନ୍ଧିବା ଖରାଦିନ ପାଇଁ ଉତ୍ତମ ହୋଇଥାଏ।
* ଜିନ୍ସ ସାଙ୍ଗକୁ କୋହ୍ଲାପୁରୀ ଚପଲ, ଜୁଟ୍‌ର ଜୁତି ଅଥବା ଓପନ୍ ସ୍ୟାଣ୍ଡେଲ ପିନ୍ଧିଲେ କମ୍ଫର୍ଟେବଲ୍ ଲୁକ୍ ମିଳିବା ସହ ପାଦକୁ ବି ଥଣ୍ଡା ଅନୁଭବ ହୋଇଥାଏ।

# ସଙ୍ଗୀତ ସାଧନା ମୋ ଜୀବନର ମୁକ୍ତିପଥ












**ତା**ଙ୍କର ଏକ କଳାସଂସ୍କୃତିସମ୍ପନ୍ନ ପରିବାର। ପିଲାଟି ଦିନରୁ ପରିବାରର ଶୃଙ୍ଖଳା ଓ ପ୍ରୋତ୍ସାହନ ତାଙ୍କ ଉପରେ ଗଭୀର ଛାପ ପକାଇଥିଲା। ପରିବାରରେ ଥିଲା ସଙ୍ଗୀତର ମାହୋଲ; ଯାହା ପରବର୍ତ୍ତୀ ସମୟରେ ତାଙ୍କ ଜୀବନକୁ କରିଥିଲା ସଙ୍ଗୀତମୟ। ଆଉ ଭଉଣୀମାନଙ୍କ ସହ ମିଶି ଏକସ୍ୱରରେ ସେ ବିଷ୍ଣୁ ସହସ୍ରନାମ ଏବଂ ଶ୍ରୀମଦ୍ ଭଗବଦ୍ ଗୀତାର ୧୮ଟି ଅଧ୍ୟାୟକୁ ସୁମଧୁର କଣ୍ଠରେ ଗାଇଥିଲେ। ସେ ହେଲେ କଣ୍ଠଶିଳ୍ପୀ **ସୁଶ୍ରୀ ସୁମିତ୍ରା ମହାପାତ୍ର**। ତାଙ୍କର ଗାଁ ବାଙ୍କୀ ରଗଡ଼ିରେ, ମାତ୍ର ଜନ୍ମ ହୋଇଛନ୍ତି କଟକ ସହରରେ। ସେ କୁହନ୍ତି, "ଆମର ଏକ ଯୌଥ ପରିବାର। ମୋ ବାପା ଉପେନ୍ଦ୍ର ମହାପାତ୍ର ଓ ମା' ରମା ଦେବୀ ଉଭୟେ ସଙ୍ଗୀତରେ ରୁଚି ରଖିଥିଲେ। ଦୁହେଁ ଆମକୁ ପିଲାଟି ଦିନରୁ ପାଠ ପଢ଼େଇବା ସହିତ ସଙ୍ଗୀତ ଶିକ୍ଷା ପ୍ରତି ଉତ୍ସାହିତ କରୁଥିଲେ। ସେତେବେଳେ ଆମ ଘରକୁ ଜଣେ ସଙ୍ଗୀତ ଗୁରୁ ସପ୍ତାହକୁ ୨ଥର ଆସୁଥିଲେ। ପ୍ରତିଦିନ ସକାଳେ ଠାକୁରଙ୍କୁ ପ୍ରାର୍ଥନା କରିଥାଉ। ସନ୍ଧ୍ୟାରେ ଘରେ ଶ୍ରୀମଦ୍ ଭଗବଦ୍ ଗୀତା ପଢ଼ୁଥିଲୁ। ଆମେ ଚାରି ଭଉଣୀ ଗୀତ ଗାଇଲୁ, ଦୁଇଜଣ ନୃତ୍ୟ ନିପୁଣା ଏବଂ ଦୁଇଭାଇ ବାଦ୍ୟ ବାଦନରେ ଶିକ୍ଷାଲାଭ କଲେ। ସମସ୍ତଙ୍କ ମଧ୍ୟରେ ମୁଁ ସର୍ବ କନିଷ୍ଠ। କାଳିବଜାର ମହିଳା ଟ୍ରେନିଂ ସ୍କୁଲରେ ପାଠ ପଢ଼ିଲି। ନାଚଗୀତ ଓ ଏନ୍‌ସିସିରେ ଆଦିରେ ଭାଗ ନେଉଥିଲି। କେବଳ ସଙ୍ଗୀତ ନୁହେଁ ବାପାଙ୍କର ଅଫିସରେ ଡ୍ରାମା ହେଲେ ପିଲାଟି ଦିନରୁ ଛୋଟ ଶିଶୁକଳାକାର ଭୂମିକାରେ ଅଭିନୟ କରୁଥିଲି। ମନେ ଅଛି, ପିଲାଦିନେ ମାନଭଞ୍ଜନରେ ଚନ୍ଦ୍ରାବଳୀ ଚରିତ୍ରରେ ଅଭିନୟ କରିଥିଲି। ଲକ୍ଷ୍ମୀପୁରାଣରେ ଲକ୍ଷ୍ମୀ ହୋଇଥିଲି। ମୋର ଅଭିନୟ ଦେଖି ପରିବାରରେ ସମସ୍ତେ ବହୁତ ଖୁସି ହେଲେ, ସମସ୍ତେ ପ୍ରଶଂସା କଲେ। ଏହାପରେ ଆକାଶବାଣୀ ଶିଶୁସଂସାର କାର୍ଯ୍ୟକ୍ରମ ପାଇଁ ଅଡିଶନ ଦେଲି। ଆଉ ସେବେଠୁ ଜଣେ ଶିଶୁ ପ୍ରତିଭା ଭାବରେ ସ୍କୁଲସାରା ପରିଚିତ ହୋଇଗଲି। ଆକାଶବାଣୀରେ ବଡ଼ଭାଇ ନଦୀୟା ବିହାରୀ ମହାନ୍ତି ଏବଂ ଅପା ବୀଣାପାଣି ମହାନ୍ତି ଓଡ଼ିଶାର ଯେ କୌଣସି ସ୍ଥାନକୁ ଯାଉଥିଲେ ତାଙ୍କ ସାଥିରେ ଯାଉଥିଲି। ପ୍ରତ୍ୟେକ ବର୍ଷ ନଭେମ୍ବର ୧୪ ଶିଶୁଦିବସରେ ଇନ୍ଦ୍ରଧନୁ କାର୍ଯ୍ୟକ୍ରମ ହୁଏ। ଗୋଟିଏ ବର୍ଷ ବଡ଼ଭାଇ ମୋତେ ଅତିଥିକରି ଡାକିଥିଲେ। ମୁଁ ମଞ୍ଚରେ ଛିଡ଼ାହୋଇ ଭାଷଣ ଦେଇଥିଲି। ପରେ ରେଭେନ୍ସା ଗାର୍ଲ୍ସ ହାଇସ୍କୁଲ, ତା'ପରେ ଶୈଳବାଳା ମହିଳା ମହାବିଦ୍ୟାଳୟରେ ସ୍ନାତକ ଓ ରେଭେନ୍ସା ମହାବିଦ୍ୟାଳୟରୁ ଇତିହାସରେ ସ୍ନାତକୋତ୍ତର ସାରିଲି। ବିଏଡ୍ ଏବଂ ଏମ୍‌ଏଡ୍ ବି କଲି। ପୁଣି ଜର୍ନାଲିଜିମ ପଢ଼ିଲି। ପ୍ରଥମେ ଏକ ସ୍କୁଲରେ ଚାକିରି କରିଥିଲି। ତା'ପରେ ଡିଏଭି ପବ୍ଲିକ ସ୍କୁଲରେ ଶିକ୍ଷକତା କଲି। ସେହି ସମୟରେ ଆକାଶବାଣୀରେ ପ୍ରସାରଣ ନିଷ୍ପାଦକ ଚାକିରିପାଇଁ ମୁଁ ଦରଖାସ୍ତ କରିଥିଲି। କଲିକତାରେ ଇଣ୍ଟରଭ୍ୟୁ ହେଲା। ସେତେବେଳେ ସଙ୍ଗୀତା ନାନୀଙ୍କ ବାହାଘର ଦୁଇଦିନ ପୂର୍ବରୁ ସରିଥାଏ। ସମସ୍ତେ କାର୍ଯ୍ୟବ୍ୟସ୍ତ, ମୁଁ କିନ୍ତୁ ଜିଦ୍ କଲି ଯେ ଯିବି। ସଙ୍ଗୀତା ନାନୀ ଟ୍ରେନ ଟିକେଟ କାଟିଦେଲେ ଆଉ ବଡ଼ ଭଉଣୀ ଅନସୂୟା ମୋ ସହିତ କଲିକତା ଗଲେ। ଇଣ୍ଟରଭ୍ୟୁ ଦେଲି ଈଶ୍ୱରଙ୍କ ଆଶୀର୍ବାଦରୁ ୧୯୯୩ ସେପ୍ଟେମ୍ବରରେ ଚାକିରି ହେଲା କଟକ ଆକାଶବାଣୀରେ। ଏଥର ଘରେ ସମସ୍ତେ ଖୁସି। ଆକାଶବାଣୀରେ ଶିଶୁ ସଂସାର, କିଶୋରଚକ୍ର, ନାରୀମହଲ, ସ୍ମୃତିର ପାହାଚ, ଆମ ଆଇନା ନାଟକ ଆଦି କାର୍ଯ୍ୟକ୍ରମର ଉପସ୍ଥାପନା କରୁଥିଲି। ମୋର ବଡ଼ ଭଉଣୀ ପଦ୍ମାଳୟା ଗରାବଡୁ ଜଣେ ଗାୟିକା, ତାଙ୍କଠାରୁ ପ୍ରେରଣା ପାଇଲି। ଆକାଶବାଣୀ କଟକ କେନ୍ଦ୍ରରେ ବିଶିଷ୍ଟ ଲୋକଙ୍କୁ ଭେଟୁଥିଲି। ଭାରି ଭଲ ଲାଗୁଥିଲା। ସମସ୍ତଙ୍କ ସହିତ ମିଳିମିଶି କାମ କରିବାର ସୁଯୋଗ ପାଉଥିଲି। ସେତେବେଳେ ଓଡ଼ିଆ, ହିନ୍ଦୀ, ବଙ୍ଗଳା ଭାଷାରେ ଗୀତ ଗାଏ। ଭଉଣୀମାନଙ୍କ ସହିତ ମିଶି ୧୭ଟି ଭାରତୀୟ ଭାଷାରେ ଗୀତ ଗାଇଛି। ଆକାଶବାଣୀରୁ ବି ଗ୍ରେଡ୍ ଆର୍ଟିଷ୍ଟ ଭାବେ ସ୍ୱୀକୃତି ପାଇଛି। ନାରୀମହଲରେ ବହୁତ ବର୍ଷ କାର୍ଯ୍ୟ କରିଛି। ମୁଁ ମୋ କାର୍ଯ୍ୟକୁ ସୁଚାରୁ ରୂପେ କରିବାକୁ ଶତ ଚେଷ୍ଟା କରିଥାଏ। ସଫଳତା ଯେ ନିଶ୍ଚୟ ମିଳିବ ସେକଥା ଚିନ୍ତା କରି ନ ଥାଏ। ଆମ ଘର ଏକ ସଙ୍ଗୀତମୟ କଳାକାର ପରିବାର। ଆଉ ସତ କହିଲେ ଆମର ଏହି ପରିବାର ପାଇଁ ମୋ ଜୀବନ ଆଜି ସଙ୍ଗୀତମୟ ହୋଇପାରିଛି। ଆଜିକାଲି ପିଲାମାନେ ବହୁତ ବୁଦ୍ଧିମାନ ସତ କିନ୍ତୁ ତାଙ୍କ ଭିତରେ ନୈତିକତା କମିକମି ଯାଉଛି। ପିଲାଙ୍କ ଭିତରେ ପିଲାଳିଆମି ରହୁନି। ପାରିବାରିକ ସମ୍ପର୍କକୁ ଜାଣିପାରୁନାହାନ୍ତି। ପିଲାଙ୍କ ପାଇଁ ସେମାନଙ୍କ ଭାବର ଗୀତ ହେବା ଦରକାର। ଯେପରି ଛୋଟ ପିଲାଙ୍କ ଉପରେ ସୁପ୍ରଭାବ ପଡ଼ିପାରିବ। ସେହିପରି ପ୍ରକୃତି ଓ ଆଧ୍ୟାତ୍ମିକତା ପ୍ରତି ପିଲାମାନେ କିଭଳି ଛୋଟବେଳୁ ଆକର୍ଷିତ ହେବେ ସେ ଦାୟିତ୍ୱ ନେବା ମାତାପିତା ଓ ପରିବାରର କର୍ତ୍ତବ୍ୟ। ଏହା ପିଲାଙ୍କୁ ଠିକ୍ ରାସ୍ତାରେ ନେବ ବୋଲି ମୋର ହୃଦ୍‌ବୋଧ ହୁଏ।"

ତାଙ୍କର ସୃଜନଶୀଳ ପ୍ରତିଭା ପାଇଁ ସେ ଅନେକ ପ୍ରଶଂସା ସାଉଁଟିବା ସହ ଅନେକ ଅନୁଷ୍ଠାନ ତରଫରୁ ପୁରସ୍କୃତ ମଧ୍ୟ ହୋଇଛନ୍ତି। ଯାହା ମଧ୍ୟରେ, କଟକ ଉତ୍କଳ ସାହିତ୍ୟ ସମାଜ, ସଙ୍ଗୀତ ସମାଜ, ରୋଟାରି କ୍ଲବ ଆଦି ବହୁ ଅନୁଷ୍ଠାନ ରହିଛନ୍ତି। ପ୍ରତିବର୍ଷ ସର୍ବଭାରତୀୟ ସ୍ତରରେ ଆକାଶବାଣୀ ବାର୍ଷିକ ଉତ୍ସବରେ ଏକାଧିକ ଥର ପୁରସ୍କୃତ ହୋଇଛନ୍ତି। ଆକାଶବାଣୀରୁ ମେ ୨୫, ୨୦୨୫ରୁ ଅବସର ନେଇସାରିଲେଣି। ଏବେ ଅବସର ପରେ ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ସାହିତ୍ୟ ଓ ସଙ୍ଗୀତ ଅନୁଷ୍ଠାନ ସହ ସେ ଜଡ଼ିତ। ଏକ ସ୍ମରଣୀୟ ଅନୁଭୂତି ବାଣ୍ଟିବାବେଳେ ସେ କୁହନ୍ତି, "୧୯୭୯ ମସିହାରେ ଆମେ ତିନି ଭଉଣୀ ବଡ଼ଭଉଣୀ ଡ. ସୁଚିତ୍ରା ଓ ସଙ୍ଗୀତା ନାନୀଙ୍କ ସହିତ ମିଶି ଶ୍ରୀମଦ୍ ଭଗବଦ୍ ଗୀତାର ୧୮ଟି ଅଧ୍ୟାୟକୁ ସଂସ୍କୃତରେ ଗାଇଥିଲୁ। ବିଷ୍ଣୁ ସହସ୍ରନାମ ମଧ୍ୟ ଗାଇଥିଲୁ। ଏଥିପାଇଁ କେବଳ ପ୍ରଶଂସା ମିଳି ନଥିଲା, ବହୁତ ମାନସିକ ଶାନ୍ତି ବି ମିଳିଥିଲା। ଅନେକ ସିଡିରେ ମୁଁ କଣ୍ଠଦାନ କରିଛି। ତେବେ ମୋର ଏକ ଖୁବ୍ ଲୋକପ୍ରିୟ ଗୀତ ହେଉଛି, 'ଶୁଣ ସମୁଦୁଣୀ ମୋର ତୁମ ପୁଅ ସାଥେ ମୋ ଝିଅର ବିବାହ ହୋଇଛି ସ୍ଥିର...'। ଏହି ଗୀତଟି ପାଇଁ ମୁଁ ବହୁତ ଲୋକଙ୍କ ଠାରୁ ଖୁବ୍ ପ୍ରଶଂସା ପାଇଥିଲି। ସଙ୍ଗୀତ ସାଧନାକୁ ଜୀବନର ମୁକ୍ତି ପଥ ବୋଲି ବିଶ୍ୱାସ କରେ। ଭାବେ ଏଥିରେ ଈଶ୍ୱରଙ୍କ ଆଶୀର୍ବାଦ ରହିଛି।"



**–ବନବିହାରୀ ବେହେରା**



## ଅବାନ୍ତର

– ଆଶୁତୋଷ ଦାଶ

ଏମିତି ହୁଅନ୍ତା !
ସ୍ୱପ୍ନ ସବୁ ଫୁଲ ହୋଇ ଫୁଟନ୍ତେ
ବାରି ଅଗଣାରେ
ଆଶା ମାନେ ପହଁରନ୍ତେ
ଉଛୁଳା ନଈରେ,
କାଗଜଡ଼ଙ୍ଗା ମାନେ ଉଡ଼ନ୍ତେ
ବାଦଲ ପାଖରେ ଆଉ
ପକ୍ଷୀ ସବୁ ବସା ବାନ୍ଧନ୍ତେ
ପଞ୍ଜୁରୀ ଭିତରେ ।
ଏମିତି ହୁଅନ୍ତା !
ମେଘମାନେ ବର୍ଷୁଥାନ୍ତେ
ଫୁଲ ପାଖୁଡ଼ାରେ,
ତାରା ମାନେ ଶୋଇଯାନ୍ତେ
ଅନ୍ଧାର ସେଜରେ
ମାଟି ବତୁରୁ ଥାଆନ୍ତା
ଜହ୍ନ ଆଲୁଅରେ ଆଉ
ବୟସ ଫେରିଯାଆନ୍ତା
ଆଇନା ଭିତରେ ।
ଆଉ ଏମିତି ବି ହୁଅନ୍ତା,
ଶବ୍ଦ ମାନେ ଉଡୁଥାନ୍ତେ
ବାଉଁଶ ବଣରେ,
କଲମରୁ କାଳି ଝରୁଥାନ୍ତେ
ଛାତି କାଗଜରେ,
ନୀଳ ରଙ୍ଗର ଲଫାପାଟେ
ଡାକାଲା ମୁଣିରେ
ଆସୁ କି ନ ଆସୁ
ଅପେକ୍ଷା ରହନ୍ତା ନିତି ଦିପହରେ ।
ଏମିତି ଅବାନ୍ତର କଥା ସବୁ
ଧୋଇ ଯାଆନ୍ତା ଅପେକ୍ଷାର
ତତଲା ଲୁହରେ ।

*–ନବାଟୀ ଶାସନ,*
*ବାଲିପାଟଣା, ଖୋର୍ଦ୍ଧା*
*ମୋ: ୬୩୬୩୮୬୫୮୭୧*

## ସ୍ୱପ୍ନଭଙ୍ଗ

– ସୁଜାତା ମହାପାତ୍ର

ପ୍ରତିଦିନ ସେହି ସମାନ ପାର୍କର ପୂର୍ବ କୋଣରେ ନିରପୁଦ୍ରବ ଛିଡ଼ା ରହିଥିବା ନିଛାଟିଆ ଲ୍ୟାମ୍ପପୋଷ୍ଟ ତଳର ଛାଇ-ଆଲୁଅ କୋଳରେ ଆଉଜି ହୋଇଥିବା ସେହି ପୁରୁଣା ସିମେଣ୍ଟ ଚୌକିଟିରେ ଏକାଠି ବସି ଆମର କିଛି ସମୟ ପରସ୍ପରକୁ ନିଜ ଭିତରେ ଭରି ନେବାର ଥିଲା ! ମୁଁ, ପ୍ରତିଥର ତୁମ କହିବା ପ୍ରକାରେ ସେହି ସମାନ ଲାଲ ରଙ୍ଗର ଓଢ଼ଣି ଢାଙ୍କି ହୋଇ ତୁମ ପ୍ରିୟ ନାଲି ଟିକିଲି ପିନ୍ଧି ପହଞ୍ଚିବା ବେଳକୁ ତୁମେ ଅନ୍ୟ କାହା ସହ ସେହି ସମାନ ଚୌକିଟିକୁ ବାଣ୍ଟି ସାରିଥାଅ ।

ଅଭିମାନରେ ଫେରି ଆସିବା ବେଳେ ତୁମର ମୋ' ହାତ, ଓଠ ଛୁଇଁ ସେଇ ସମାନ କଥା- ''ତୁମେ ମୋତେ ଭୁଲ୍ ବୁଝିବନି ପ୍ଲିଜ ! ଏ ସ୍ଥାନଟି କେବଳ ତୁମର । ଅନ୍ୟ କେହି ବି, କେବେ ବି ତୁମ ସ୍ଥାନ କ'ଣ ନେଇପାରେ ? ଅସମ୍ଭବ ।''

ତୁମେ ମୋତେ ବିଶ୍ୱାସ ଦିଅ, ମୁଁ ନିଜକୁ ସମର୍ପିଦିଏ । ତୁମେ ମୋତେ ଭରସା ଦିଅ, ମୁଁ ଜୀବନ ଦେଇଦିଏ । ତୁମେ ମୋତେ ପ୍ରେମରେ ଜାବୁଡ଼ିଧର, ମୁଁ ତୁମ ଛାତିରେ ଇଡ଼ି ହୋଇଯାଏ । ସମୟ ବାହୁଡ଼ିବାକୁ ଇସାରା ଦିଏ ! ବିପରୀତମୁଖୀ ଦୁଇଟି ରାସ୍ତା ଭାଗିଁ ହୋଇଯାଆନ୍ତି ଚୌକିଟିକୁ ଅନ୍ଧାରରେ ଏକୁଟିଆ ଛାଡ଼ି ଦେଇ ।

କଥା ରହେ, ''ଆମେ ପୁଣି ମିଶିବା । ଏଇଠି, ଏଇମିତି, ପ୍ରତିଦିନ ! ସୃଷ୍ଟିର ଆଦିରୁ ଅନ୍ତ ଯାଏଁ ଏବଂ ଜୀବନରୁ ମୃତ୍ୟୁ ଓ ପୁଣି ଜୀବନଯାଏଁ ।''

ରାତି ବିତେ । ସୂର୍ଯ୍ୟ ଉଏଁ । ତୁମ ସ୍ୱପ୍ନର ପୋଷାକ ଓହ୍ଲେଇ ମୁଁ ସତ ପିନ୍ଧେ । ପୁଣି ସେହି ସମାନ ସମୟରେ ସମାନ ପାର୍କ ଦିଗରେ ଯାଏ । ପୂର୍ବ ରାତିରେ ଛାଡି ଯାଇଥିବା ବିରହ ଭିଜା ଶୂନ୍ୟ ଚୌକିଟିକୁ ଖୋଜେ । କିନ୍ତୁ ହାୟ !

ଆଜି ବି... !

*–କିଙ୍କିଣୀ, ନନ୍ଦୀ ବିହାର, ବ୍ରହ୍ମପୁର*
*ମୋ: ୯୪୩୭୩୭୬୦୯୬୪*



## ଉପଲବ୍ଧି

– ସରୋଜିନୀ ମହାନ୍ତି

କେତେବେଳେ ଭଲଲାଗେ ଉପଲବ୍ଧି
କେତେବେଳେ ଅନ୍ତରରୁ ଉଠେ କୋହ
ଅନ୍ଧାରରେ ଲୋଟିଯାଏ
କେତେ ଯେ କାହାଣୀ ଭଗ୍ନାଂଶ ।
କାଲି କଥା ଭୁଲିବାକୁ ହେବ
ଚାଲିବାକୁ ହେବ ସଞ୍ଜ ଯାଏଁ
କିଏ ବା ପାରିବ ମାପି
ଜୁଇଘର କେତେବାଟ
ଶିଉଳି ଯେ ଅହରହ
କାହାପାଦ ଖସିବ କେଉଁଠି !

*–ଶାଗୁଆନ ବଗିଚା, ଖୋର୍ଦ୍ଧା*
*ମୋ: ୯୩୪୮୩୩୦୭୩୪*

## ନୀଳ

–ଡ.ସଂଘମିତ୍ରା ରାଏଗୁରୁ

ହଜିଯାଉଥିବା ଶବ୍ଦଙ୍କ ସହ
ମୁଁ ଟିକେ ଟିକେ ହଜିଯାଉଥାଏ
ଖୋଜିବାର ମଞ୍ଜିଟେ
ଆପେ ଆପେ ପୋତି ହେଉଥାଏ ମାଟିରେ
ଘଡ଼ିଘଡ଼ି ହାତଠାରି ଡାକୁଥାଏ ଆକାଶ
ଆକାଶକୁ କୋଉ ଶିଢ଼ି ପାଏ ?

ନୀଳ ରଙ୍ଗର ମୋହକୁ
ଶାଢ଼ି ପରି ପରସ୍ତ ପରସ୍ତ
ପିନ୍ଧିପକାଏ ମୁଁ
ନୀଳ ନୁହେଁ, ପ୍ରଜାପତି ରଙ୍ଗର ଛିଟ ବ୍ଲାଉଜ ସହ

ନୀଳ ସହ ନୀଳ
ଧଳା ସହ ଧଳା
ନାଲି ସହ ନାଲି...
ବିଲ୍‌କୁଲ୍ ଭଲ ଲାଗେନି ମୋତେ
ମୋତେ ଟାଣିଧରେ ଭିନ୍ନତାର ଗଭୀରତା
ଗୋଟେ ଗାଢ଼ ଆକର୍ଷଣ ଥାଏ
ପରସ୍ପର ବିରୋଧାଭାସରେ

ପୂର୍ବ ଝୁରି ମରେ ପଶ୍ଚିମକୁ
ଦକ୍ଷିଣୀ ହ୍ରଦରେ
ଉତ୍ତରର ହୃଦୟ ହଜିଯାଇଥାଏ
''ନୀଳ ଶାଢ଼ି ଭାରି ମାନେ ତୋତେ''-ପୃଥିବୀର
ଶେଷ କୋଣରୁ
ଇସାରା-ଇସାରାରେ ସିଏ କହୁଥାଏ

ତା' ଇସାରା ହିଁ ପ୍ରେମ
ପ୍ରେମର ମାନେ ପ୍ରତୀକ୍ଷା
ପ୍ରତୀକ୍ଷାର ରଙ୍ଗ ନୀଳ
ନୀଳ ଆଖିରେ ସମୁଦ୍ରଟେ ଲହଡ଼ି ଭାଙ୍ଗିବା...ବିଲ୍‌କୁଲ୍
ମିଛ କଥା ନୁହେଁ ॥

*– ରାଞ୍ଚି, ଝାଡ଼ଖଣ୍ଡ*
*ମୋ: ୭୬୯୩୮୮୬୩୫୫*



# ଡରି ଯାଇଥିଲେ ସାରା


ସାରା

ପିଲାଦିନେ ସାରା ଅଲ୍ଲୀ ଖାନ୍ ଏକ ବଡ଼ ସମସ୍ୟା ସହ ସଂଘର୍ଷ କରୁଥିଲେ । ତାହା କ'ଣ ଜାଣନ୍ତି ? ଓଜନ ବୃଦ୍ଧି । ପୁଣି ଏହି ସମସ୍ୟା ଏପରି ରୂପ ନେଇଥିଲା ଯେ ତାଙ୍କୁ ଓଜନ କମାଇବା ପାଇଁ ବେଶ୍ ପରିଶ୍ରମ କରିବାକୁ ପଡିଲା । ଏ ବିଷୟରେ ସାରା କହନ୍ତି, ''ପିଲାଦିନେ ମୋ ଓଜନ ଏମିତି ବଢ଼ିଯାଇଥିଲା ଯେ ତାହାକୁ କିପରି ନିୟନ୍ତ୍ରଣକୁ ଆଣିବି ସେଥିଲାଗି ଚିନ୍ତାରେ ପଡିଯାଇଥିଲି । ଏ ନେଇ ଜଣେ ଡାଏଟିସିଆନ୍ଙ୍କ ସହ ଯୋଗାଯୋଗ କରିଥିଲି । ବାସ୍ ତା'ପରେ ମୋର ଓଜନ କମାଇବା ମିଶନ ଆରମ୍ଭ ହୋଇଥିଲା । ପ୍ରତିଦିନ ସକାଳେ ଏବଂ ସନ୍ଧ୍ୟାରେ କଠିନ ବ୍ୟାୟମ କଲି । ଏହାବ୍ୟତୀତ ଖାଦ୍ୟପେୟ ପ୍ରତି ମଧ୍ୟ ସଚେତନ ରହିଛି । ଯାହାହେଉ ଏକ ସୀମିତ ସମୟ ଭିତରେ ମୁଁ ଓଜନ କମାଇବାରେ ସକ୍ଷମ ହେଲି । ହେଲେ ଦେଖିଲାବେଳକୁ ମୋ ଓଜନ ସନ୍ତୁଳିତ ସ୍ତରରେ ଯେତିକି ରହିବା କଥା ତା'ଠାରୁ କମି ଯାଇଛି । ତେଣୁ ପୁଣି ଓଜନ କିଛି ବଢ଼ାଇଥିଲି । ଆଉ ଏକଥା ଏବେ ମନେ ପଡିଲେ ମୋତେ ଭାରି ହସ ଲାଗେ ।'' ସାରାଙ୍କର ବଡ ପରଦା ଜୀବନ ଆରମ୍ଭ ହୋଇଥିଲା ୨୦୧୮ରୁ ଆଉ ଫିଲ୍ମଟି ଥିଲା 'କେଦାରନାଥ' । ଏହି ସିନେମା ପାଇଁ ତାଙ୍କୁ ଶ୍ରେଷ୍ଠ ନବାଗତା ଭାବରେ ସମ୍ମାନଜନକ ଫିଲ୍ମଫେୟାର ପୁରସ୍କାର ମିଳିଥିଲା । ବର୍ତ୍ତମାନ ସାରା ନିର୍ମାଣାଧୀନ 'ପତି ପତ୍ନୀ ଔର ୱୋ ଦୋ'ରେ ଅଭିନୟ କରୁଛନ୍ତି ।

# ବଦଳିଗଲା ନାଁ


ଅଜୟ

ବଲିଉଡ୍‌ରେ ଅଜୟ ଦେବଗନ ନିଜକୁ ଜଣେ ଅଲରାଉଣ୍ଡର ଭାବରେ ସାବ୍ୟସ୍ତ କରିସାରିଛନ୍ତି । ଆକ୍ସନ, କମେଡି, ରୋମାଣ୍ଟିକ ଭଳି ଚରିତ୍ରରେ ସେ ଅଭିନୟ କରି ଦର୍ଶକଙ୍କ ମନ ଜିଣିବାରେ ସକ୍ଷମ ହୋଇଛନ୍ତି । ହେଲେ ପିଲାଦିନେ ସେ ତାଙ୍କ ପରିବାର ସଦସ୍ୟଙ୍କ ଏକ ଅନୁରୋଧକୁ ଏଡାଇ ପାରି ନ ଥିଲେ । ପ୍ରକୃତରେ ତାଙ୍କର ନାମ ଥିଲା ବିଶାଲ ବିରେନ୍ଦ୍ର ଦେବଗନ । ପ୍ରଥମେ ଏହାକୁ ନେଇ ଦ୍ୱନ୍ଦ୍ୱରେ ପଡିଥିଲେ ଅଜୟ । ଶେଷରେ ଏହି କଥାକୁ ସେ ମାନି ନେଇଥିଲେ । ତା'ପରେ ତାଙ୍କ ନାମ ପରିବର୍ତ୍ତନ କରାଯାଇ ଅଜୟ ଦେବଗନ ରଖାଯାଇଥିଲା । ୧୯୯୧ରେ 'ଫୁଲ୍ ଔର କାଣ୍ଟେ'ରେ ତାଙ୍କୁ ବ୍ରେକ୍ ମିଳିଥିଲା । ଏଥିରେ ତାଙ୍କର ଇଣ୍ଟ୍ରୋଡକସନ ସିନ୍‌ରେ ସେ ଦୁଇଟି ଚଳନ୍ତା ବାଇକ୍ ମଝିରେ ବିନା ସହାୟତାରେ ଠିଆ ହୋଇ ଏଣ୍ଟ୍ରି କରିଥିଲେ । ହେଲେ ଯାହା ଶୁଣିବାକୁ ମିଳେ ତାଙ୍କର ଧର୍ମପତ୍ନୀ କାଜୋଲ ଏବଂ ଶାହରୁଖ ଖାନ୍ଙ୍କ ଅଭିନୀତ ବଲିଉଡ୍‌ର ଅନ୍ୟତମ ଅଲ୍-ଟାଇମ-ବେଷ୍ଟ ଫିଲ୍ମ 'ଦିଲୱାଲେ ଦୁଲହନିଆଁ ଲେ ଜାୟେଙ୍ଗେ'କୁ ଅଜୟ ଆଦୌ ଦେଖିନାହାନ୍ତି ।

# 'ମାସୁମ୍' ହିଟ୍ ହୋଇ ନ ଥିଲେ..


ଉର୍ମିଳା

ଥରେ ମନେ ପକାନ୍ତୁ ନା ରାମ ଗୋପାଳ ବର୍ମାଙ୍କ ସୁପରହିଟ୍ ଫିଲ୍ମ 'ରଙ୍ଗିଲା'କୁ । ଏହାର ଟାଇଟଲ ଗୀତରେ ଉର୍ମିଳା ମାତୋଣ୍ଡକରଙ୍କର ନୃତ୍ୟ ଏବେ ମଧ୍ୟ ଅନେକ ସିନେପ୍ରେମୀଙ୍କ ମନରେ ସତେଜ ହୋଇ ରହିଛି । ହେଲେ ନାୟିକା ସାଜିବା ପୂର୍ବରୁ ସେ କ୍ୟାମେରା ସାମନା କରିସାରିଥିଲେ । ତାଙ୍କୁ ଯେତେବେଳେ ମାତ୍ର ଛଅ ବର୍ଷ ବୟସ ହୋଇଥିଲା ୧୯୮୦ରେ ମରାଠୀ ଫିଲ୍ମ 'ଜାକୋଲ'ରେ ସେ ଜଣେ ଶିଶୁ କଳାକାର ଭାବରେ ଅଭିନୟ କରିଥିଲେ । ଏହାପରେ ୧୯୮୩ରେ 'ମାସୁମ' ଫିଲ୍ମରେ ଏଭଳି ଭୂମିକାକୁ ବେଶ୍ ସୁଚାରୁ ରୂପେ ତୁଲାଇଥିଲେ । ଏହାର ୧୨ ବର୍ଷ ପରେ ତାଙ୍କୁ ରାମଗୋପାଳ ନାୟିକା ଭାବରେ ବ୍ରେକ୍ ଦେଇଥିଲେ । ଆଉ ସେହି ସିନେମା ହିଟ୍ ହେବା ପରେ ଉର୍ମିଳା ଆଉ ପଛକୁ ଫେରି ଚାହିଁ ନ ଥିଲେ । ତାଙ୍କ ଅଭିନୀତ ତଥା ରାଜକୁମାର ସନ୍ତୋଷୀଙ୍କ ନିର୍ଦ୍ଦେଶିତ 'ଚାଇନାଗେଟ୍'ର 'ଛମା ଛମା' ଗୀତକୁ ଏବେବି ଅନେକ ଗୁଣୁଗୁଣେଇ ଥାଆନ୍ତି । କେବଳ ଅଭିନୟ ନୁହେଁ, ପାଠପଢ଼ାରେ ସେ ମଧ୍ୟ ପଛରେ ପଡି ନ ଥିଲେ । ଯେତେବେଳେ ସେ ଷ୍ଟାଣ୍ଡାର୍ଡ-୪ରେ ପଢୁଥିଲେ ସେତେବେଳେ ରାଜ୍ୟସ୍ତରୀୟ ସ୍କଲାରଶିପ ପାଇଥିଲେ । କେବଳ ହିନ୍ଦୀ ନୁହେଁ, ସେ ମରାଠୀ, ମାଲାୟାଲମ ଏବଂ ତେଲୁଗୁ ଫିଲ୍ମରେ ମଧ୍ୟ ଅଭିନୟ କରିଛନ୍ତି । ବର୍ତ୍ତମାନ ସେ ନିଜକୁ ମହିଳା ସୁରକ୍ଷା ସଚେତନତା କାର୍ଯକ୍ରମ ସହ ଜଡିତ ରଖିଛନ୍ତି ।

# ମନେରହିବ ବାର୍ଷିକ ଉତ୍ସବ


ତମନ୍ନା

ଦକ୍ଷିଣ ଭାରତୀୟ ସିନେମା ଜଗତର ଅନ୍ୟତମ ଲୋକପ୍ରିୟ ଅଭିନେତ୍ରୀ ହେଉଛନ୍ତି ତମନ୍ନା ଭାଟିଆ । ଯେତେବେଳେ ସେ ନିଜର ଅଭିନୟ ଜୀବନ ଆରମ୍ଭ କଲେ ସେତେବେଳେ ତାଙ୍କୁ କେତେ ବର୍ଷ ହୋଇଥିଲା ଜାଣନ୍ତି ? ମାତ୍ର ୧୫ ବର୍ଷ । ହେଲେ ସିନେମାରେ ଆକ୍ଟିଂ କରିବା ଲାଗି ସେ କିପରି ସିଲେକ୍‌ସନ ହେଲେ ତା'ପଛରେ ଏକ କାହାଣୀ ରହିଛି । ସ୍କୁଲରେ ପଢ଼ିବା ସମୟରେ ତମନ୍ନା ଡ୍ରାମାରେ ଅଭିନୟ କରୁଥିଲେ । ଏକଦା ଏହି ସମୟରେ ଜଣେ ପ୍ରଯୋଜକ ତାଙ୍କର ଅଭିନୟ ଦେଖି ବେଶ୍ ପ୍ରଭାବିତ ହୋଇଥିଲେ । ବାସ୍, ମାତ୍ର ୧୫ ବର୍ଷ ବୟସରେ ତାଙ୍କୁ ବଡ ପରଦା ପାଇଁ ପ୍ରଥମ ଅଫର ମିଳିଥିଲା । ୨୦୦୫ରେ ସେ ଉଭୟ ହିନ୍ଦୀ ଏବଂ ତେଲୁଗୁ ସିନେମାରେ ଆକ୍ଟିଂ କରିବାର ସୁଯୋଗ ପାଇଥିଲେ । ତାଙ୍କ ଅଭିନୀତ ପ୍ରଥମ ହିନ୍ଦୀ ସିନେମା ଥିଲା 'ଚାନ୍ଦ ସା ରୋଶନ ଚେହେରା' ଏବଂ ତେଲୁଗୁ ଫିଲ୍ମଟି ଥିଲା 'ଶ୍ରୀ' । ନିଜ କ୍ୟାରିୟର ବିଷୟରେ ତମନ୍ନା କହନ୍ତି, ''ସ୍କୁଲରେ ପଢ଼ିବା ସମୟରେ ମୁଁ ସବୁବେଳେ ବାର୍ଷିକ ଉତ୍ସବରେ ଡ୍ରାମାରେ ଅଭିନୟ କରୁଥିଲି । ଆଉ ତାହା ହିଁ ମୋ ପାଇଁ ଫିଲ୍ମରେ ଆକ୍ଟିଂ କରିବା ବାଟ ଖୋଲି ଦେଇଥିଲା । ତେଣୁ ମୁଁ ପଢୁଥିବା ସ୍କୁଲର ଆନୁଆଲ ଫଙ୍କସନ୍ ମୋର ସବୁବେଳେ ମନେ ରହିବ । କାରଣ ଯଦି ମୁଁ ସେଥିରେ ଆକ୍ଟିଂ କରି ନ ଥାନ୍ତି ତେବେ ଆଜି ହୁଏତ ଜଣେ ଅଭିନେତ୍ରୀ ହୋଇପାରି ନ ଥାନ୍ତି ।'' ଅଭିନୟ ପୂର୍ବରୁ ସେ କେତୋଟି ବିଜ୍ଞାପନ ପାଇଁ କାମ କରିବା ସହ କେତୋଟି ମ୍ୟୁଜିକ ଭିଡିଓରେ ଅଭିନୟ କରିଥିଲେ ।

# ଆଇସକ୍ରିମ୍ ପ୍ରିୟ ଜାହ୍ନବୀ


ଜାହ୍ନବୀ

ସାଧାରଣତଃ ଅନେକ ଗ୍ରୀଷ୍ମ ଋତୁରେ ଆଇସକ୍ରିମ୍ ଖାଇବାକୁ ପସନ୍ଦ କରନ୍ତି । ହେଲେ ବୋନି ତନୟା ଜାହ୍ନବୀ କପୁର ଯେଉଁ ଋତୁ ହେଉ ନା କାହିଁକି ତାଙ୍କର ଏହା ହେଉଛି ଏକ ପ୍ରିୟ ଖାଦ୍ୟ । ପ୍ରତିଦିନ ଯେମିତିହେଲେ ସେ ଆଇସକ୍ରିମ୍ ଖାଇଥାଆନ୍ତି । ଏଭଳି ଅଭ୍ୟାସ ତାଙ୍କର ପିଲାଟି ଦିନରୁ ରହି ଆସିଛି । ''ପ୍ରତିଦିନ ଯଦି ମୁଁ ଆଇସକ୍ରିମ୍ ନ ଖାଇଲି ତେବେ ମୋତେ କେମିତି କେମିତି ଲାଗେ । ଏଭଳି ଅନୁଭବ ହୁଏ ଯେ ମୋର ଡେଲି ଖାଦ୍ୟ ତାଲିକାରେ ବୋଧହୁଏ ଗୋଟିଏ ଜିନିଷ ବାଦ୍ ପଡିଯାଇଛି । ମୋର ଏଭଳି ଅଭ୍ୟାସ ପିଲାଟି ଦିନରୁ ରହିଛି । ସ୍କୁଲରେ ପଢ଼ିବା ସମୟରେ ସାଙ୍ଗମାନଙ୍କ ସହ ପ୍ରାୟ ସବୁବେଳେ ଆଇସକ୍ରିମ୍ ପାର୍ଟି ହୋଇଥାଏ । ଆଉ ଏହି ପାର୍ଟିର ଆୟୋଜକ ଥାଏ ମୁଁ । ଏଭଳି ପାର୍ଟିକୁ ସାଙ୍ଗମାନଙ୍କ ସହ ମୁଁ ଭରପୁର ଏଞ୍ଜୟ କରିଥାଏ । ଏହି ଧାରାକୁ ମୁଁ ଏବେ ମଧ୍ୟ ବଜାୟ ରଖିଛି । ପ୍ରତିଦିନ ଖାଇବା ପରେ ହେଉ କିମ୍ବା ଅନ୍ୟ ସମୟରେ ମୋ ମନ ପସନ୍ଦର ଆଇସକ୍ରିମ୍‌ଟିଏ ଖାଇଲେ ମୋତେ ବେଶ୍ ଶାନ୍ତି ଲାଗେ ବୋଲି କହନ୍ତି ଜାହ୍ନବୀ ।'' ଯେତେବେଳେ ଅବସର ମିଳେ ସେ କ'ଣ କରନ୍ତି ଜାଣନ୍ତି ? ଟିକେ ସମୟ ମିଳିବା ମାତ୍ରେ ସେ କବିତା ରଚନା କରିବାକୁ ବସିପଡନ୍ତି । ତାଙ୍କର ଆଉ ଏକ ଅଭ୍ୟାସ ରହିଛି । ଯେତେବେଳେ ସେ କୌଣସି ରୁମ୍ ଭିତରକୁ ପ୍ରବେଶ କରନ୍ତି ସେତେବେଳେ ପ୍ରଥମେ ନିଜର ଡାହାଣ ପାଦ ରଖନ୍ତି । ଶୁଣିବାକୁ ମିଳେ ଯେ ଏକଦା ସେ ସ୍କୁଲକୁ ଯାଇଥିଲେ । ହେଲେ ସେଠାରୁ ସେ ବୋନିଙ୍କୁ ଫୋନ୍ କରି 'ସାଙ୍ଗମାନଙ୍କ ସହ ଫିଲ୍ମ ଦେଖିବାକୁ ଯାଉଛି' ବୋଲି କହିଥିଲେ । ହେଲେ ପ୍ରକୃତରେ ସେ ସାଙ୍ଗମାନଙ୍କୁ ନେଇ ଲାସ୍ ଭେଗାସ ଯାଇ ତା' ପରଦିନ ସକାଳୁ ଫେରିଥିଲେ । ବର୍ତ୍ତମାନ ସେ ନିର୍ମାଣାଧୀନ ତେଲୁଗୁ ଫିଲ୍ମ 'ପେଡ୍ଡି'ରେ ଅଭିନୟ କରୁଛନ୍ତି ।

# ଜୀ ସାର୍ଥକରେ 'ଲାଗେ ପ୍ରେମ ନଜର'


ପ୍ରିୟା-ଅମ୍ଲାନ

ଜଣେ ସଫଳ ନିର୍ଦ୍ଦେଶକ ଆକାଶ ଏବଂ ତାଙ୍କ ଧର୍ମପତ୍ନୀ ନନ୍ଦିନୀ । ହସଖୁସିରେ ଦୁହିଁଙ୍କର ସଂସାର ରଥ ଆଗକୁ ଗଡିଚାଲେ । ହେଲେ ସନ୍ଦେହ, ଭୁଲ ବୁଝାମଣା ଏବଂ ଅପ୍ରତ୍ୟାଶିତ ଘଟଣାକ୍ରମ ଆକାଶ-ନନ୍ଦିନୀଙ୍କ ସଂସାରକୁ ଛାରଖାର କରିଦିଏ । ତା'ପରେ କାହାଣୀରେ ଆବିର୍ଭାବ ହୁଏ ନୂଆ ଚରିତ୍ର ମେଘା । ହେଲେ ସେ କିଏ ? ପରବର୍ତ୍ତୀ ସମୟରେ ଆକାଶ-ନନ୍ଦିନୀଙ୍କ ସୁନାର ସଂସାରରେ ପୁଣି ଥରେ ହସ ଖେଳି ଉଠୁଛି କି? ଏସବୁର ଉତ୍ତର ରହିଛି ଓଡ଼ିଆ ସିନେମା 'ଲାଗେ ପ୍ରେମ ନଜର'ରେ । ଚଳିତ ମାସ ୫ ତାରିଖରେ ଏହି ସିନେମାର ଡବଲ ପ୍ରିମିୟର ହେବାକୁ ଯାଉଛି । ପୁଣି କେଉଁଠି ଜାଣନ୍ତି ? ଓଡ଼ିଶାର ଅନ୍ୟତମ ଲୋକପ୍ରିୟ ଚ୍ୟାନେଲ ଜୀ ସାର୍ଥକରେ । ଉପରୋକ୍ତ ଦିନ ପ୍ରଥମ ପ୍ରିମିୟର ଦିନ ୨ଟା ଏବଂ ଦ୍ୱିତୀୟ ପ୍ରିମିୟର ସନ୍ଧ୍ୟା ୬.୩୦ରେ ହେବ । ଏହାର କାହାଣୀରେ ଲଭ୍, ଇମୋଶନ, ଫ୍ୟାମିଲି ଡ୍ରାମା ଭରି ରହିଛି । ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି ଦିଲୀପ ପଣ୍ଡା । ଅମ୍ଲାନ, ପ୍ରିୟା ଚୌଧୁରୀ, ରିୟା ଦେ, ରାଗିଣୀ ସୂତ୍ରଧର ଏବଂ ବିଶେଷ ଭୂମିକାରେ ରାକେଶ ଦେଓ ଏଥିରେ ଅଭିନୟ କରିଛନ୍ତି । ହେଲେ ଏହାପୂର୍ବରୁ ରାଜ୍ୟର ବିଭିନ୍ନ ପ୍ରେକ୍ଷାଳୟରେ ପ୍ରଦର୍ଶିତ ହୋଇ ଦର୍ଶକଙ୍କ ମନ ଜିଣିବାରେ ଉକ୍ତ ସିନେମାଟି ସକ୍ଷମ ହୋଇଥିଲା । ଜୀ ସାର୍ଥକର ବିଜିନେସ ହେଡ ରାହୁଲ ରାଓ କହନ୍ତି, ''ଜୀ ସାର୍ଥକ ସଦାସର୍ବଦା ଓଡ଼ିଶାର କଳା ଓ ସଂସ୍କୃତି ସହ ଯୋଡ଼ି ହୋଇ ରହିଛି । 'ଲାଗେ ପ୍ରେମ ନଜର' କେବଳ ଏକ ସିନେମା ନୁହେଁ, ବରଂ ଏହା ସମ୍ପର୍କର ଏକ ଗଭୀର ପରୀକ୍ଷା । ଏହି ଚଳଚ୍ଚିତ୍ରର ଭରପୂର ଆନନ୍ଦ ଦର୍ଶକ ନେବେ ବୋଲି ମୋର ବିଶ୍ୱାସ ।''

**ପ୍ରଥମ ରୋଜଗାର**

# ଦରମା ଟଙ୍କା ଧରିବାକୁ ନନା ପାଖରେ ନ ଥିଲେ

**ଶିକ୍ଷୟିତ୍ରୀ, ଲେଖିକା ତଥା ମଞ୍ଚ ସଂଯୋଜିକା କଳ୍ପନା ମିଶ୍ର ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି ...**



ପୁରୀ ଜିଲା ବଳଙ୍ଗା ନିକଟସ୍ଥ କାଳିଆପଦା ଗାଁରେ ମୋ ବାପଘର। ଛଅ ଭଉଣୀଭାଇଙ୍କ ଭିତରେ ସବା ସାନ ହୋଇଥିବାରୁ ନନା(ବାପା)ଙ୍କର ଖୁବ୍ ଗେହ୍ଲା ଥିଲି। ଯେତେବେଳେ ଯାହା ଇଚ୍ଛା କରୁଥିଲି ସେ ନିଜ ସାଧମତେ ଆଣି ଦେଉଥିଲେ। ପାଠପଢ଼ା ପାଇଁ ପଇସା ଦେଲାବେଳେ ସେ ହସିକି କହୁଥିଲେ, 'ତୁ ମତେ କେବେ ଏମିତି ପଇସା ଫେରେଇବୁ' ? ସେତେବେଳେ ମୁଁ ବି ହସିହସି ତାଙ୍କୁ କହୁଥିଲି 'ଦେଉଥିବି ମୁହିଁ ନେଉଥିବ ତୁମେ, ଏଡ଼େ ଭାଗ୍ୟ ମୋର କାହିଁ'...! ସତରେ ଦିନେ ସେ ସମୟ ଆସିଲା,

ଯେଉଁଦିନ ଚାକିରି କରି ପ୍ରଥମ ଦରମା ପାଇଲି, ସେ ଦରମା ଗଣ୍ଡାକ ନନାଙ୍କ ହାତକୁ ବଢ଼େଇବା ପାଇଁ ଯେତେ ଖୋଜିଲେ ବି ତାଙ୍କୁ ପାଖରେ ପାଇଲିନି। ସେତେବେଳକୁ ସେ ଅଫେରା ରାଇଜର ପଥିକ ହୋଇସାରିଥିଲେ। ତାଙ୍କ ସମାଧିରେ ଏବଂ ଫଟୋଫ୍ରେମ୍‌ରେ ଫୁଲମାଳ ଚଢ଼ାଇ କାନ୍ଦିବା ଛଡ଼ା ମୋ ପାଖରେ ଆଉ କିଛି ବି ଚାରା ନ ଥିଲା। ପରେ ନିଜକୁ ବୁଝାଇ ନନାଙ୍କ ଆଦର୍ଶରେ ଆଗକୁ ବଢ଼ିବାକୁ ମନକୁ ଦୃଢ଼ କଲି। ନିମାପଡ଼ା କଲେଜରୁ ଯୁକ୍ତ ତିନି ଏବଂ ସାକ୍ଷୀଗୋପାଳ ସିଟି ସ୍କୁଲ୍‌ରୁ ସିଟି ପାସ୍ କରିବା ପରେ ଓଡ଼ିଆରେ ପିଜି କରୁଥାଏ। ସେହି ସମୟରେ ନନା ମୋ ବାହାଘର କରିବାକୁ ନିଷ୍ପତ୍ତି ନେଲେ। ବାହାଘର ବି ଠିକ୍ ହୋଇଗଲା। ହେଲେ ନିର୍ବନ୍ଧ ସରିବା ପରେ ନନାଙ୍କର ଦେହ ଖୁବ୍ ଖରାପ ହେଲା ଆଉ ସେ ଚାଲିଗଲେ। ମୋ ଦୁନିଆ ଉଜୁଡ଼ିଗଲା ଭଳି ମୋତେ ଅନୁଭବ ହେଲା। ସେ ସମୟରେ ମୋ ଭାବି ଶ୍ୱଶୁର ଓ ସ୍ୱାମୀ ମୋର ସାହାରା ସାଜିଲେ। କିଛିଦିନ ପରେ ବାହାଘର ହେଲା ଆଉ ବାହାଘରର ବର୍ଷେ ପରେ ମୁଁ ଏବଂ ମୋ ସ୍ୱାମୀ ମହେନ୍ଦ୍ର କୁମାର ଦାଶ ଉଭୟ ଶିକ୍ଷା କ୍ଷେତ୍ରରେ ଚାକିରି ପାଇଲୁ। ୧୯୯୭ ଜୁଲାଇରେ ନିମାପଡ଼ା ଚାରିଛକ ନିକଟସ୍ଥ ଭୋଗଶାଳଦା ପ୍ରାଥମିକ ବିଦ୍ୟାଳୟରେ ମୁଁ ସହକାରୀ ଶିକ୍ଷୟିତ୍ରୀ ଭାବେ ଜଏନ୍ କଲି। ଆଉ ମୋ ସ୍ୱାମୀ ଅନ୍ୟ ଏକ ସ୍କୁଲ୍‌ରେ ଶିକ୍ଷକତା କଲେ। ୩୨୦୫ଟଙ୍କା ଥିଲା ମୋ ପ୍ରଥମ ଦରମା। ସ୍ୱାମୀ ବି ସେତିକି ଟଙ୍କା ଦରମା ପାଇଲେ। ଦରମା ଟଙ୍କାକୁ ହାତରେ ଧରିଲାବେଳେ ନନାଙ୍କ ମୁହଁ ମୋ ଆଖି ଆଗରେ ନାଚି ଯାଉଥିଲା। ପ୍ରଥମେ ଦୁଇଟି ଫୁଲମାଳ କିଣି ନନାଙ୍କ ସମାଧି ପାଖକୁ ଗଲି। ସମାଧିରେ ଫୁଲମାଳ ପିନ୍ଧାଇ ଖୁବ୍ କାନ୍ଦିଲି। ତା'ପରେ ଘରକୁ ଆସି ନନାଙ୍କ ଫଟୋରେ ଫୁଲମାଳ ପିନ୍ଧାଇ ତାଙ୍କୁ ଶ୍ରଦ୍ଧାଞ୍ଜଳି ଦେଲି। ଦରମାକୁ କେମିତି ଖର୍ଚ୍ଚ କରିବି ସେ ନେଇ ସ୍ୱାମୀଙ୍କ ସହ ଆଲୋଚନା କଲି। ମୋର ପ୍ରଥମ ଦରମା ଟଙ୍କାକୁ ବାପଘର ଲୋକଙ୍କ ପାଇଁ ସମ୍ପୂର୍ଣ୍ଣ ଖର୍ଚ୍ଚ କରିବାକୁ ସେ କହିବାରୁ ମିଠା ଓ ସମସ୍ତଙ୍କ ପାଇଁ କିଛି ନା କିଛି ଉପହାର ନେଇ ମୁଁ ମୋ ଘରଲୋକଙ୍କୁ ଦେଇଆସିଲି। ଆଉ ସ୍ୱାମୀଙ୍କର ଯେଉଁ ୩୨୦୫ ଟଙ୍କା ଦରମା ମିଳିଥିଲା, ସେହି ଟଙ୍କାକୁ ଆମେ ଦୁହେଁ ନିଷ୍ପତ୍ତି ନେଇ ଶ୍ୱଶୁରଙ୍କୁ ଦେଲୁ ଆଉ ତାଙ୍କୁ ବୃନ୍ଦାବନ ବୁଲିବାକୁ ଛାଡ଼ିଥିଲୁ। ସମୟ ଗଡ଼ିଲା, ଆମର ଦୁଇଟି ଝିଅପୁଅ ହେଲେ। ସେମାନେ ବି ପାଠପଢ଼ି ଚାକିରି କଲେ। ଆଉ ଆମ ପୁଅ ଯେତେବେଳେ ତା'ର ପ୍ରଥମ ଦରମା ପାଇଲା ସେ ବି ତା'ର ପ୍ରଥମ ଦରମାକୁ ଖର୍ଚ୍ଚ କରି ଆମ ଦୁହିଁଙ୍କୁ ୪ଟି ମେଟ୍ରୋ ସିଟି ବୁଲାଇବା ସହ ବୃନ୍ଦାବନ ମଧ୍ୟ ବୁଲେଇ ନେଇଥିଲା। ୟା'କୁ ହିଁ ତ କୁହାଯାଏ କର୍ମର ଫଳ। ମୋର ଆହୁରି ୩ ବର୍ଷ ଚାକିରି ଅଛି। ଏବେ ମୁଁ ଗୋପ ବ୍ଲକର ଓରୁଆଳି ପ୍ରୋଜେକ୍ଟ ଅପର ପ୍ରାଇମେରୀ ସ୍କୁଲରେ ଶିକ୍ଷକତା କରୁଛି। ଚାକିରି ଜୀବନ ବାଦ୍ ସାହିତ୍ୟ ଦିଗରେ ବି ମୋର ରୁଚି ରହିଛି। ହାଇସ୍କୁଲ୍ ପଢ଼ିବା ସମୟରେ ପ୍ରଧାନଶିକ୍ଷକଙ୍କ ଅବସର ନିମନ୍ତେ ଏକ କବିତା ଲେଖିଥିଲି ; ଯାହା ଥିଲା ମୋ ଲିଖିତ ପ୍ରଥମ କବିତା। କଲେଜ ମାଗାଜିନ୍ ପାଇଁ ବି କବିତା ଲେଖିଛି। ୟା' ଭିତରେ ମୋର ୪ଟି ପୁସ୍ତକ ପ୍ରକାଶିତ ହୋଇସାରିଛି। ସୁନାର ହସ (ଶିଶୁ କବିତା ସଂକଳନ), ବାଘ ରଜାର ବାହାଘର (ଶିଶୁ ଗଳ୍ପ ସଂକଳନ), ହରିତ୍ ହସ୍ତାକ୍ଷର (ବୟସ୍କଙ୍କ ପାଇଁ କବିତା ସଂକଳନ) ଏବଂ ଏକ ଭାଷଣମାଳା ପୁସ୍ତକ। ଏହାଛଡ଼ା ରଥଯାତ୍ରାରେ ଧାରା ବିବରଣୀ ଦେବା, 'ଖଟାମିଠା', 'ନୋ ପ୍ରୋବ୍ଲେମ୍', 'ଫୁଲ୍ ଗାଲୁଆ' ଆଦି ଧାରାବାହିକରେ ଅଭିନୟ କରିବା ସହିତ ସ୍ୱାମୀଙ୍କ ସଙ୍ଗେ ମିଶି ଅନେକ ମଞ୍ଚ ସଂଯୋଜନା ବି କରିଛି। ଅର୍ଣ୍ଣପୂର୍ଣ୍ଣା ଥିଏଟର୍‌ରେ ଅନୁଷ୍ଠିତ ହୋଇଥିବା ବହୁ ମଞ୍ଚ ନାଟକରେ ମଧ୍ୟ ଆମେ ଦୁହେଁ ଅଭିନୟ କରିଛୁ। ଓଡ଼ିଶୀ ଭୋକାଲ୍‌ରେ ବିଶାରଦ ପାସ୍ କରିଥିଲେ ବି ସେ ଦିଗରେ ନ ଆଗେଇ ବରଂ ଶିଶୁମାନଙ୍କ ପାଇଁ ମନଛୁଆଁ କବିତା ଓ ଗପ ଲେଖିବାକୁ ମୁଁ ସବୁବେଳେ ଗୁରୁତ୍ୱ ଦେଇଆସିଛି।

# ରଙ୍ଗିଲା ରାଧିକା ଭାରି ଚତୁରୀ, ଚାହାଣିରେ କଲା ମନକୁ ଚୋରି

**ପ୍ରଶ୍ନ**–ସେହି ସୁନ୍ଦରୀର ପ୍ରଥମ ଇସାରାରେ ମୋ ମନ ଚୋରି ହୋଇଯାଇଥିଲା। ହେଲେ ଏବେ ସେ ମୋ ଉପରେ ଅଭିମାନ କରିଛି। ତାକୁ କେମିତି ଶାନ୍ତ କରିବି ଜାଣିପାରୁନାହିଁ। ମୋତେ କିଛି ଉପାୟ ବତାନ୍ତୁ ?

*–ବିବେକ ସାହୁ, କଟକ*

**ଉତ୍ତର:** ଅଭିମାନ ହେଉଛି ପ୍ରେମର ଅନ୍ୟତମ ଗହଣା। ବେଳେବେଳେ ଏହି ଅଭିମାନରେ ପ୍ରେମର ଅସଲ ମଜା ଲୁଚି ରହିଥାଏ। ସେହି ଅଭିମାନକୁ ଭଲ ଭାବରେ ପଢ଼ିବାକୁ ଚେଷ୍ଟା କରନ୍ତୁ। ପ୍ରିୟାର ଅଭିମାନ ଭସାବାଦଲ ପରି। ତାହା କେତେବେଳେ ଆସି ପ୍ରେମର ଆକାଶକୁ ଅନ୍ଧକାର କରିଦିଏ ତ ପୁଣି କେତେବେଳେ ରଙ୍ଗିନ ଆଲୋକରେ ମନରେ ଅସୁମାରୀ ଖୁସିର ଲହରି ଖେଳାଇ ଦିଏ। 'ରଙ୍ଗିଲା ରାଧିକା ଭାରି ଚତୁରୀ, ଚାହାଣିରେ କଲା ମନକୁ ଚୋରି।' ତେଣୁ ପ୍ରେମିକାର ଅଭିମାନକୁ ନେଇ ଟେନସନ୍ ହୁଅନ୍ତୁ ନାହିଁ। ବାସ୍, ତା' ମନର ଭିତିରି କଥାକୁ ବୁଝନ୍ତୁ। ହୁଏତ ଏହି ଅଭିମାନ ନିଶ୍ଚୟ ତା' ଖିଆଲି ମନରେ କ୍ଷଣିକ ପାଇଁ ଆସିଥିବ !

**ପ୍ରଶ୍ନ**–ଯାହାକୁ ପ୍ରେମ କରୁଥିଲି ତାକୁ ବାହା ହୋଇଛି। ହେଲେ ସେତେବେଳେ ଜଣେ ଝିଅ ମୋତେ ଏକତରଫା ପ୍ରେମ କରୁଥିଲା। ଆଉ ଏବେ ବାହା ହେବା ପରେ ପୁଣି ଥରେ ସେ ଝିଅ ମୋତେ ପ୍ରେମ ଜାଲରେ ଫସାଇବାକୁ ଚାହୁଁଛି। ମୁଁ କ'ଣ କରିବି କିଛି ଜାଣିପାରୁନାହିଁ ?

*–ତପନ ବହିଦାର, ରେଢ଼ାଖୋଲ*

**ଉତ୍ତର:** ବାହା ହେବା ପରେ ପୁଣି ଥରେ ପ୍ରେମ କାଦୁଅରେ ଗୋଡ ପୂରାଇବା ଅର୍ଥ ଅଯଥା ଟେନସନ୍‌କୁ ହାତ ଠାରି ଡାକିବା। ଯାହାକୁ ପ୍ରେମ କରୁଥିଲେ ତାକୁ ତ ବାହା ହୋଇଛନ୍ତି, ଅର୍ଥାତ୍, ଆପଣ ଜଣେ ସକ୍‌ସେସ୍‌ଫୁଲ ପ୍ରେମିକ। କିନ୍ତୁ ପୁଣି ଥରେ ସେ ଏକତରଫା ପ୍ରେମ ଜାଲରେ ଫସିବାକୁ ଚେଷ୍ଟା କରନ୍ତୁ ନାହିଁ। ଯଦି ତା' ମାୟାଜାଲରେ ଥରେ ବନ୍ଧା ପଡିଗଲେ, ତେବେ କଥାଟି 'ବୁଡିଗଲା ଗୋଡ ତଳକୁ ତଳକୁ'ପରି ହେବ।
ତେଣୁ ସେପରି ପ୍ରେମ ଆଉ ପ୍ରେମିକାଠାରୁ ନିଜକୁ ଯେତେ ଦୂରେଇ ରଖିବେ ସେତେ ଠିକ୍ ହେବ। ନ ହେଲେ ନେଡି ଗୁଡ ଯେତେବେଳେ କହୁଣିକୁ ବୋହି ଯିବ ସେତେବେଳେ ଆପଣଙ୍କ ଆଖିରୁ ଝରୁଥିବା ଲୁହକୁ ପୋଛିବାକୁ ପାଖରେ କେହି ନ ଥିବେ।

**ପ୍ରଶ୍ନ**–ଲାଜରୁ ପ୍ରେମର ସୃଷ୍ଟି। ମୋତେ ଜଣେ ଝିଅ ଦେଖି ଲାଜ କରୁଛି। ସେ ମୋତେ ପ୍ରେମ କରୁଛି ବୋଲି କେମିତି ଜାଣିବି ?

*–ପୀତବାସ, ଖୋର୍ଦ୍ଧା*

**ଉତ୍ତର:** ସେହି ଝିଅଟି ଆପଣଙ୍କୁ ଦେଖି ଲାଜ କରୁଛି। ତା' ଲାଜରେ ପ୍ରେମ ଅଛି କି ନାହିଁ ଜାଣିପାରୁନାହାନ୍ତି–ବାସ୍, ଏଇଠି ଆପଣଙ୍କର ସବୁ କଥା ଅଟକି ରହିଛି। ଥରେ ଥଣ୍ଡା ମିଜାଜ୍‌ରେ ତା' ଲାଜର ଗହନ କଥାକୁ ପଢ଼ିବାକୁ ଚେଷ୍ଟା କରନ୍ତୁ। ସେହି ଚୋରା ଚାହାଣିରେ ପ୍ରେମର ଅସଲ ମଞ୍ଜି ରହିଛି। ତାକୁ ଠାବ କରିବାକୁ ମଗଜ ଖଟାନ୍ତୁ। ନ ହେଲେ ପ୍ରେମ ରାଇଜରେ ଘଡିକେ ଘୋଡା ଛୁଟିଥାଏ। ହୁଏତ ଆଜିର ପାଣିପାଗ କାଲି ଯେ ଆପଣଙ୍କୁ ସପୋର୍ଟ କରିବ ଆଉ ଆପଣ ସେ ମନର ମାନସୀ ହୃଦୟରେ ତାଜମହଲଟିଏ ଗଢ଼ିବେ–ଏହି ଆଶା କେବଳ ଆଶା ହୋଇ ରହିଯିବ। ତେଣୁ ବେଳକାଳ ଦେଖି ତାକୁ ନିଜ ମନ କଥା କୁହନ୍ତୁ। ଯଦି ସେପଟୁ ଗ୍ରୀନ୍ ସିଗନାଲ ମିଳିଲା ତେବେ ବିଳମ୍ବ ନ କରି ଆଗକୁ ବଢ଼ନ୍ତୁ। ନ ହେଲେ ଚାନ୍ସଟା ହାତରୁ ଖସିଯାଇପାରେ।

**ପ୍ରଶ୍ନ**–ଏବେ ମୁଁ ଜଣେ ଝିଅ ପ୍ରେମରେ ପଡିଯାଇଛି। ହେଲେ ମୋର ପ୍ରଥମ ପ୍ରେମିକାକୁ ସହଜରେ ପାସୋରି ପାରୁନି। କ'ଣ କରିବି ?

*–ଅମିୟ କୁମାର, ଜଗତ୍‌ସିଂହପୁର*

**ଉତ୍ତର:** ଯାହାକୁ ପ୍ରଥମେ ନିଜର ମନର ମାନସୀ ଭାବରେ ଗ୍ରହଣ କରି ଅନେକ ବାଟ ଆଗେଇ ଯାଇଥିଲେ ତାକୁ ଭୁଲିବା ଏତେ ସହଜ ନୁହେଁ। ହେଲେ ଉଲ୍ଲେଖ କରିଛନ୍ତି ଯେ, ଏବେ ଆଉ ଜଣେ ସୁନ୍ଦରୀ ପ୍ରେମରେ ପଡିଯାଇଛନ୍ତି। ଏବେ ଯଦି ନିଜ ପ୍ରଥମ ପ୍ରେମ ବିଷୟରେ ଭାବିବେ ତେବେ ବର୍ତ୍ତମାନର ପ୍ରେମ ସେହି ଅନୁସାରେ ପାଣିଚିଆ ଲାଗିବ। ତେଣୁ ଏବେ କେବଳ ନୂଆ ପ୍ରେମିକା ବିଷୟରେ ଚିନ୍ତା କରନ୍ତୁ।

ସାଥୀ






# ସ୍ମାର୍ଟ ରୋବୋ

**ଏବେ ହେଉଛି ରୋବୋଯୁଗ। ବିଭିନ୍ନ କ୍ଷେତ୍ରରେ ରୋବୋର ବ୍ୟବହାର ଫଳରେ ଅନେକ କାମ ସହଜ ହୋଇଯାଇଛି। ତେବେ ଏମିତି ବି କିଛି ରୋବୋ ଅଛି; ଯାହା ମନୋରଞ୍ଜନ କରିବା ସହ ଘର କରଣା କାମରେ ବି ସହଯୋଗ କରିବା ସେମିତି କେତୋଟି ସ୍ମାର୍ଟ ରୋବୋ ସମ୍ପର୍କରେ...**



**ଫ୍ଲାଇଙ୍ଗ କିସ୍ ଦେଉଛି ରୋବୋ ଏମା:** ରୋବୋ ଭିତରେ ନ ଥାଏ ଅନୁଭବ କରିବାର ଶକ୍ତି, ଏ କଥା ଏବେ ପୁରୁଣା ହେଇଗଲାଣି। କାରଣ ଏବେ ଏପରି ରୋବୋ ତିଆରି ହେଲାଣି ; ଯାହା ପରସ୍ପର ଭିତରେ ଭାବ ବିନିମୟ କରିପାରୁଛି। ସେଗା ଟଏଜ ନାମକ କମ୍ପାନୀ ତିଆରି କରିଛି ସେହିପରି ଏକ ରୋବୋ। ଉକ୍ତ ରୋବୋ ଜଣେ ଭଦ୍ରମହିଳାଙ୍କ ଭଳି ଚାଲିଥାଏ। ଆଉ ସବୁଠୁ ଆଶ୍ଚର୍ଯ୍ୟର କଥା ହେଲା ଏହା ନିଜ ପ୍ରଶଂସକମାନଙ୍କୁ 'ଫ୍ଲାଇଙ୍ଗ କିସ୍' ଦେଇଥାଏ। ମାତ୍ର ୩୮ ସେଣ୍ଟିମିଟର ଉଚ୍ଚତାର ଏହି ହ୍ୟୁମାନୋଏଡ ରୋବୋର ନାଁ ହେଉଛି 'ଏମା' EMA, ଯାହାର ପୂରା ନାମ 'Eternal, Maiden and Actualization'। ଏଥିରେ ଇନଫ୍ରାରେଡ ସେନସର୍ ବ୍ୟବହାର କରାଯାଇଛି ଯାହାଦ୍ୱାରା ରୋବୋଟି ନିଜ ପାଖରେ ଥିବା ପୁରୁଷମାନଙ୍କୁ ଚିହ୍ନିପାରେ। ସେଗା ଟଏଜ୍‌ର ସାକାନୋଉ କହନ୍ତି, 'ଏମା ଅତି ସ୍ନେହୀ। ଏହା ମଣିଷ ନୁହେଁ ସତ କିନ୍ତୁ ଜଣେ ପ୍ରକୃତ ଗର୍ଲଫ୍ରେଣ୍ଡ ଭଳି ବ୍ୟବହାର କରିପାରେ।' ସେ ଆହୁରି ମଧ୍ୟ କହିଛନ୍ତି ଯେ, ସାଥୀଟିଏ ଖୋଜୁଥିବା ଲାଜକୁଳା ଲୋକଙ୍କ ପାଇଁ ଏହା ଏକ ଉପଯୁକ୍ତ ସାଥୀ ହେବ।



**ଘରର କାମ କରିବ ମେଡ୍ ରୋବୋ:** ଜାପାନୀମାନେ ପ୍ରାୟତଃ ସବୁବେଳେ ସର୍ବୋତ୍ତମ ହ୍ୟୁମାନଏଡ ରୋବଟ୍ ତିଆରି କରନ୍ତି। ସେମିତି ଏକ ଉନ୍ନତମାନର ରୋବୋ ହେଉଛି ଏହି ଆସିଷ୍ଟାଣ୍ଟ ରୋବୋ (AR)। ଏହା ଘରକରଣା କାମ ପାଇଁ ଦକ୍ଷ। ଲୁଗା ସଫା କରିବାଠୁ ଆରମ୍ଭ କରି ଝାଡୁ କରିବା ଏବଂ ରୋଷେଇ ଘର ସଫା କରିବା ଭଳି କାମ ଏହି ରୋବୋ କରିପାରିବ। କିନ୍ତୁ ଗବେଷଣା କେନ୍ଦ୍ରର କହିବା ଅନୁଯାୟୀ, ଏହି ୧.୫ ମିଟର ଉଚ୍ଚତା ବିଶିଷ୍ଟ ରୋବୋର ବହୁଳ ଉତ୍ପାଦନ ପାଇଁ ଆହୁରି ଏକ କିମ୍ବା ଦୁଇ ଦଶନ୍ଧି ସମୟ ଲାଗିଯାଇପାରେ।

**କକ୍‌ରୋଚ ରୋବୋ:** ଏହି ରୋବୋ କେତେଜଣଙ୍କୁ ଭଲ ନ ଲାଗିପାରେ। କାରଣ ଏହା ହେଉଛି କକ୍‌ରୋଚ ବା ଅସରପା ରୋବୋ। ଅସରପା ପରି ଦେଖିବାକୁ ଏହି ରୋବୋକୁ ଅସରପାମାନଙ୍କ ବ୍ୟବହାର ବିଷୟରେ ଅଧିକ ଜାଣିବା ଆଶାରେ, ବେଲଜିୟମର ଫ୍ରି ୟୁନିଭର୍ସିଟି ଅଫ୍ ବ୍ରସେଲ୍ସର ଗବେଷକ ଜୋସ ହାଲୋଏଙ୍କ ନେତୃତ୍ୱରେ ପ୍ରସ୍ତୁତ କରାଯାଇଛି, ଯାହାକୁ ଠିକ୍ ଏକ ଅସରପା ଭଳି କାମ କରିବା ପାଇଁ ପ୍ରୋଗ୍ରାମ କରାଯାଇଛି।



**ଏକ ଚକିଆ ସାଇକେଲ ଚଲାଉଛି ସେଇକୋ ଚାନ୍ ରୋବୋ:** ଆସିଯାଇଛି ଏମିତି ଏକ ରୋବୋ ଯାହା ଏକ ଚକିଆ ସାଇକେଲ ଚଲାଇପାରେ। ଏହି ରୋବୋର ନାଁ 'ମୁରାତା ଗର୍ଲ' ; ଯାହାର ଡାକ ନାମ ସେଇକୋ-ଚାନ୍। ସେଇକୋ-ଚାନ୍ ସେକେଣ୍ଡ ପ୍ରତି ୨ ଇଞ୍ଚ ବେଗରେ ଆଗକୁ ଓ ପଛକୁ ଯାଇପାରେ କିମ୍ବା ଗୋଟିଏ ଜାଗାରେ ସ୍ଥିର ହୋଇ ରହିପାରେ। ଏଥିରେ ଥିବା କ୍ଷୁଦ୍ର ସେନ୍ସରଗୁଡ଼ିକ ରୋବଟକୁ କୌଣସି ଜିନିଷ ସହ ଧକ୍କା ହେବାର ସୂଚନା ଦେଇଥାନ୍ତି। ତା' ପିଠିରେ ଥିବା ଗାଇରୋସ୍କୋପ ଏବଂ ପେଟ ଭିତରେ ଥିବା ଏକ ଘୂର୍ଣ୍ଣାୟମାନ ଚକ୍ର ତାକୁ ସନ୍ତୁଳନ ରକ୍ଷା କରିବାରେ ସାହାଯ୍ୟ କରିଥାଏ।

ଏହାକୁ 'ମୁରାତା ବୟ' ନାମକ ରୋବୋର ଭଉଣୀ ବୋଲି କୁହାଯାଉଛି। ଜାପାନର ଏକ ବୈଦ୍ୟୁତିକ ଉପକରଣ ପ୍ରସ୍ତୁତକାରୀ କମ୍ପାନୀ 'ମୁରାତା ଇଲେକ୍ଟ୍ରୋନିକ୍ସ'ଏହାକୁ ତିଆରି କରିଛି। ଏହାକୁ ନିଜ ଭାଇର ପଛେ ପଛେ ଯିବା ପାଇଁ ପ୍ରୋଗ୍ରାମ କରାଯାଇଛି। ବ୍ୟବହାରକାରୀମାନେ ବ୍ଲୁଟୁଥ ସାହାଯ୍ୟରେ ସେଇକୋ-ଚାନ୍‌କୁ ନିୟନ୍ତ୍ରଣ କରିପାରିବେ। ତିନିଜଣ ମହିଳା କଳା ସ୍ନାତକ ମୁରାତାର ଏହି ନୂଆ ରୋବୋ କନ୍ୟାକୁ ଡିଜାଇନ କରିଛନ୍ତି।

**ବିଲେଇ ରୋବୋ:** ଯେଉଁମାନେ ବିଲେଇପ୍ରେମୀ କିନ୍ତୁ ବିଲେଇମାନଙ୍କ ପ୍ରତି ଆଲର୍ଜି ଥାଏ ସେମାନଙ୍କ ପାଇଁ ଏଇ ସୁନ୍ଦର ରୋବୋ। ଅବିକଳ ବିଲେଇ ପରି ଦେଖିବାକୁ ଏହି ରୋବୋର ନାଁ 'ୟୁମେ ନେକୋ'। ୧୩ ଇଞ୍ଚ ଲମ୍ବ ଏବଂ ୨ କିଲୋଗ୍ରାମ ଓଜନର ଏହି ରୋବୋ ଶରୀରର ବିଭିନ୍ନ ଅଂଶରେ ପାଞ୍ଚଟି ଭିନ୍ନ ଭିନ୍ନ ସେନ୍ସର ଲୁଚି ରହିଛି, ଯାହା ସ୍ପର୍ଶ ପାଇଲେ ପ୍ରତିକ୍ରିୟା ପ୍ରକାଶ କରିଥାଏ। ୟୁମେ ନେକୋ ମୂଷା ପଛରେ ଗୋଡ଼ାଇବ ନାହିଁ ସତ, କିନ୍ତୁ ସେ ଆଖି ଦେଖେଇବ, ନିଜ ପାଟି ଓ ବେକ ହଲାଇବ, ପଛ ଗୋଡ଼ରେ ଛିଡ଼ା ହେବ ଏବଂ ତଳେ ଶୋଇବ। ଏହାସହ ସେ ମିଆଁଉ ମିଆଁଉ ଶବ୍ଦ କରିବା ସହିତ ଆଦର କଲା ବେଳେ 'ପରିଂ' ଶବ୍ଦ କରିବ ଏବଂ ଯଦି ଆପଣ ତା' ଲାଞ୍ଜକୁ ଜୋରରେ ଚିପି ତାକୁ ବିରକ୍ତ କରନ୍ତି, ତେବେ ସେ ରାଗରେ ଗର୍ଜନ ମଧ୍ୟ କରିବ। ସତସତିକା ବିଲେଇଙ୍କ ଭଳି, ଯଦି କିଛି ସମୟ ପାଇଁ ତାକୁ ଏକା ଛାଡ଼ି ଦିଆଯାଏ, ସେ ଶୋଇପଡ଼ିବ ଏବଂ ଲୋ-ପାୱାର୍ ମୋଡ୍‌କୁ ଯିବା ପୂର୍ବରୁ କିଛି ସମୟ ଘୁଙ୍ଗୁଡ଼ି ମଧ୍ୟ ମାରିବ। ଜାପାନରୁ ଆସିଥିବା ଏହା ଏକ ବୁଦ୍ଧିମାନ ରୋବୋ-ବିଲେଇ।

**ରୋବୋ ଲ୍ୟାଣ୍ଡସାର୍କ ଆଣିବ ବିଶ୍ୱଶାନ୍ତି:** ବ୍ଲାକ୍-ଆଇ ରୋବୋଟିକ୍ସ ଦ୍ୱାରା ଏକ ରୋବୋ ପ୍ରସ୍ତୁତ କରାଯାଇଛି, ଯାହାର ମୁଖ୍ୟ ଲକ୍ଷ୍ୟ ହେଉଛି ବିଶ୍ୱ ଶାନ୍ତି। 'ଲ୍ୟାଣ୍ଡସାର୍କ' ନାମକ ଏହି ରୋବୋ ବୋମା ନିଷ୍କ୍ରିୟ କରିବା କାର୍ଯ୍ୟ କରେ। ଇରାକରେ ନିଜ ପୁଅକୁ ହରାଇବା ପରେ ବ୍ରାୟନ ହାର୍ଟ ଏହି ରୋବୋଟିକ କମ୍ପାନୀ ପ୍ରତିଷ୍ଠା କରିଥିଲେ। ଏହି ରୋବୋକୁ ବୋମା ନିଷ୍କ୍ରିୟ କରିବା ସହ ଆହତ ସୈନିକମାନଙ୍କୁ ସୁରକ୍ଷିତ ସ୍ଥାନକୁ ବୋହି ନେବା ପାଇଁ ଡିଜାଇନ କରାଯାଇଛି।



## ହାଃ ହାଃ

### ଜିଏଫ୍

ଶିକ୍ଷକ ଗୋଲିକୁ: ଏବିସିଡି କହିଲୁ।
ଗୋଲି:ଏବିସିଡ଼ିଇଏଚ୍ଆଇ
ଶିକ୍ଷକ: ରହ ରହ..। ଜି, ଏଫ୍ କୁଆଡ଼େ ଗଲା ?
ଗୋଲି: ମୁଁ ତ ଏତେ ଛୋଟ ପିଲା ଜିଏଫ୍ କୁଆଡୁ ଆସିବ ? ସେ ତ ଏଯାଏ ମୋ ଜୀବନକୁ ଆସିନି।

### ପାଗଳ

ସ୍ୱାମୀ ସ୍ତ୍ରୀକୁ: ତୁମର ଯଦି କିଛି ହେଇଯିବ ମୁଁ ପାଗଳ ହେଇଯିବି।
ସ୍ତ୍ରୀ: ତମେ ଦ୍ୱିତୀୟ ବାହା ହେବନି ତ ?
ସ୍ୱାମୀ: କହି ହେବନି, ପାଗଳଙ୍କ ଉପରେ କ'ଣ ଭରସା। ସେମାନେ କିଛି ବି କରିପାରିବେ।

### ସମ୍ମାନ

ଶାଳୀ ଜିଜୁଙ୍କୁ: ଆଚ୍ଛା ଜିଜୁ ଗୋଟେ ପ୍ରଶ୍ନ ପଚାରିବି କହିବ ?
ଜିଜୁ:ପଚାରୁନ କ'ଣ ପଚାରିବ।
ଶାଳୀ: ଶ୍ୱଶୁର ଘରେ ଜ୍ୱାଇଁଙ୍କୁ ଏତେ ସମ୍ମାନ କାହିଁକି ଦିଆଯାଏ ?
ଜିଜୁ: କାହିଁକି ନା ସେମାନେ ଜାଣନ୍ତି କି ଇଏ ହେଉଛି ସେଇ ମଣିଷ ଯିଏ ଆମ ଘରର ତୋଫାନକୁ ସମ୍ଭାଳିକି ରଖିଛି।

### ଫିଲ୍

ମୋହନର ଦେହ ଭଲ ଲାଗୁ ନ ଥିବାରୁ ସେ ହସ୍ପିଟାଲ ଗଲା।
ନର୍ସ: ଲମ୍ବା ଲମ୍ବା ଶ୍ୱାସ ନିଅ।
ମୋହନ ଲମ୍ବା ଲମ୍ବା ଶ୍ୱାସ ନେଲା।
ନର୍ସ: ଏବେ କେମିତି ଫିଲ୍ ହେଉଛି ?
ମୋହନ: ଭାରି ଭଲ ଫିଲ୍ ହେଉଛି। କୋଉ ପରଫ୍ୟୁମ୍ ପକେଇ ଆସିଛନ୍ତି ? ମଜା ଆସିଗଲା।



# ଗଡ଼କୁଜଙ୍ଗ

ଖୋର୍ଦ୍ଧାରେ ଇଂରେଜ ବିରୋଧରେ ପାଇକ ବିଦ୍ରୋହ ଅତୀତରେ କୁଜଙ୍ଗ, କନିକା, ହରିଶପୁର, ବିଷ୍ଣୁପୁର ଆଦି ଅନେକ ଦେଶୀୟ ଗଡ଼ଜାତ ରାଜ୍ୟ ପର୍ଯ୍ୟନ୍ତ ପ୍ରଲମ୍ବିତ ଥିଲା। ସେତେବେଳେ ଏହି ବିଦ୍ରୋହରେ କୁଜଙ୍ଗର ପାଇକମାନଙ୍କର ମଧ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା। 'ଶହୀଦ ଜୟୀ ରାଜଗୁରୁ' ପୁସ୍ତକରେ ପ୍ରକାଶିତ କୁଜଙ୍ଗ ବିଦ୍ରୋହ ପ୍ରସଙ୍ଗରୁ ଜଣାପଡ଼େ ଅତୀତରେ ଗଡ଼ କୁଜଙ୍ଗ ଥିଲା ଅବିଭକ୍ତ କଟକଠାରୁ ପ୍ରାୟ ୬୪କି.ମି ଦୂରରେ। ବର୍ତ୍ତମାନ ଜଗତ୍‌ସିଂହପୁର ଜିଲାର ଏରସମା ବ୍ଲକ ଅଧୀନ ସମୁଦ୍ର ଅଞ୍ଚଳଠାରୁ ପ୍ରାୟ ୩ କି.ମି ଦୂରରେ। ଏହି ଗଡ଼ର ମୁହଁ ଉତ୍ତର ଦିଗକୁ ରହିଥିଲା। ତିନିପଟେ ଜଙ୍ଗଲ ଥିବାବେଳେ ପୂର୍ବପଟରେ ସମୁଦ୍ର ରହିଥିଲା। କୁଜଙ୍ଗ ରାଜ୍ୟର ରାଜଧାନୀରେ ଗଡ଼ ଥିବାରୁ ଉକ୍ତ ଗ୍ରାମକୁ ଗଡ଼ କୁଜଙ୍ଗ କୁହାଯାଉଛି। ଏବେ ବି ରହିଛି କୁଜଙ୍ଗ ଗଡ଼ ଦୁର୍ଗର ଭଗ୍ନାବଶେଷ। ଏହି ରାଜ୍ୟ ଅଧୀନରେ ସାତଟି ଗଡ଼ଥିଲା– ପାରାଦୀପ ଗଡ଼, ରଙ୍ଗମାଟିଆ ଗଡ଼, ରୋମିତ ଗଡ଼, ଧୋବେଇ ଗଡ଼, ଆମ୍ବିକି ଗଡ଼, କଙ୍କଡ଼ିଆ ଗଡ଼ ଓ କନାଗୁଳି ଗଡ଼। ସେତେବେଳେ ଏହି ଅଞ୍ଚଳ ଇଂରେଜମାନଙ୍କ ଦ୍ୱାରା ଅଧିକୃତ ହେବା ପୂର୍ବରୁ ଏହା ଏକ ଗଡ଼ଜାତ ରାଜ୍ୟ ଥିଲା। ଏଠାରେ ଷଣ୍ଢବଂଶୀୟ ରାଜାମାନେ ରାଜତ୍ୱ କରୁଥିଲେ। କଟକର ଆଖପାଖ ଅଞ୍ଚଳ ମୋଗଲ ବନ୍ଦୀ ଥିବାବେଳେ କୁଜଙ୍ଗ ଏକ ରାଜ୍ୟର ମାନ୍ୟତା ପାଇଥିଲା। ସେ ସମୟରେ ଏ ଅଞ୍ଚଳର ଅଧିବାସୀଙ୍କୁ ଲୁଣ ମାରିବା ପାଇଁ କୌଣସି କର ଦେବାକୁ ପଡୁ ନ ଥିଲା। ଏହି ଅଞ୍ଚଳର ଅଧିବାସୀମାନେ ନାବିକ ଭାବରେ ସୁଦକ୍ଷ ଥିଲେ। ଷଣ୍ଢରାଜାଙ୍କ ଅଞ୍ଚଳରେ ଖୁବ୍ ଖାତିର ଥିଲା। ୧୮୦୫ରେ ଜାରି ହୋଇଥିବା ନିର୍ଦ୍ଦେଶନାମାରେ ଚତୁର୍ଦ୍ଦଶ ଆଧାରରେ କୁଜଙ୍ଗରେ ମୋଗଲବନ୍ଦୀ ଅଞ୍ଚଳପରି ବେଙ୍ଗଲ ଶାସନ ନୀତି ପ୍ରବର୍ତ୍ତନ ହେବା ପ୍ରସ୍ତାବରେ ରାଜ୍ୟର ସାର୍ବଭୌମତ୍ୱ କ୍ଷୁଣ୍ଣ ହେବାର ଆଶଙ୍କା ସୃଷ୍ଟି କରାଗଲା। କୁଜଙ୍ଗ ପାଇଁ ୭୦୩ଟଙ୍କା ଚାରିଅଣା କର ଧାର୍ଯ୍ୟ ହେବା ଯୋଗୁ ଜନ ଅସନ୍ତୋଷ ବଢିଥିଲା। ଇଂରେଜମାନଙ୍କ ଓଡ଼ିଶା ଅଧିକାର ସମୟରେ କୁଜଙ୍ଗ ଷଣ୍ଢବଂଶର ଦଶମ ନରପତି ବୀରଭଦ୍ର ଷଣ୍ଢ କୁଜଙ୍ଗର ରାଜା ଥିଲେ। ସେ ବୋର୍ଡ ଅଫ୍ କମିଶନରଙ୍କୁ ରାଜା ହିସାବରେ ତାଙ୍କୁ ସ୍ୱୀକୃତି ଦେବାକୁ ଲେଖିଥିଲେ। ବୀରଭଦ୍ରଙ୍କ ମୃତ୍ୟୁ ପରେ ଚନ୍ଦ୍ରଧ୍ୱଜ କୁଜଙ୍ଗ ରାଜ୍ୟ ସିଂହାସନ ଆରୋହଣ କଲେ। ସେ ମଧ୍ୟ ଇଂରେଜ ଶାସକଙ୍କୁ ତାଙ୍କୁ ରାଜା ହିସାବରେ ସ୍ୱୀକୃତି ଦେବାକୁ ଲେଖିଥିଲେ। କିନ୍ତୁ ଚନ୍ଦ୍ରଧ୍ୱଜ ଓ ତାଙ୍କର ଭାଇ ମଧୁସୂଦନଙ୍କ ମଧ୍ୟରେ ଶାସନଗାଦିକୁ ନେଇ ବିବାଦ ହେଲା। ଏହାରି ସୁଯୋଗରେ ଇଂରେଜମାନେ ମଧୁସୂଦନଙ୍କୁ କୁଜଙ୍ଗ ରାଜଗାଦିରେ ବସାଇଥିଲେ ଏବଂ ଚନ୍ଦ୍ରଧ୍ୱଜଙ୍କ ସମେତ ତାଙ୍କ ଅନୁରକ୍ତ ପଦିରାମ ନାୟକଙ୍କୁ ବନ୍ଦୀ କରାଗଲା। ଏହି କାର୍ଯ୍ୟରେ ସଦାଶିବ ଜେନା ଓ ଫତେମହମ୍ମଦ ଇଂରେଜଙ୍କୁ ସାହାଯ୍ୟ କରିଥିଲେ। ଇଂରେଜ ଅଧିକାର ସମୟରେ କୁଜଙ୍ଗର ପାଇକମାନଙ୍କ ସଂଖ୍ୟା ପ୍ରାୟ ଦୁଇହଜାର ଥିଲା। ଅନ୍ୟପକ୍ଷେ ଇତିହାସ, କିମ୍ବଦନ୍ତୀ ଏବଂ ଓଡ଼ିଶାର ଦେବଦେବୀ (ପ୍ରଥମ ସ୍ତବକ)ପୁସ୍ତକ କୁଜଙ୍ଗର କୁଞ୍ଜବିହାରୀ ବିଷୟରେ କଳାପାହାଡ଼ ଓ ଜଗନ୍ନାଥଙ୍କ କଥା ଉଲ୍ଲେଖ ରହିଛି। ପରେ କିପରି ବିଶର ମହାନ୍ତି ଅତି କୌଶଳରେ ଅର୍ଦ୍ଧଦଗ୍ଧ ଦାରୁ ବିଗ୍ରହରୁ ବ୍ରହ୍ମ ସଂଗ୍ରହକରି ମୃଦଙ୍ଗ ଭିତରେ ପୂରାଇ କୁଜଙ୍ଗର ତତ୍କାଳୀନ ରାଜା ଅନନ୍ତ ନରେନ୍ଦ୍ର ସାମନ୍ତଙ୍କ ହସ୍ତରେ ସମର୍ପଣ କଲେ। ବ୍ରହ୍ମ ଆନୟନ ବିଷୟରେ କେବଳ ରାଜାଙ୍କର ଅତି ବିଶ୍ୱସ୍ତ ବାହୁବଳେନ୍ଦ୍ର, ବିଶର ମହାନ୍ତି ଓ ରାଜା ଜାଣିଥିଲେ। ବ୍ରହ୍ମଙ୍କୁ ନିଘଞ୍ଚ ଅରଣ୍ୟ ମଧ୍ୟରେ ଲୁଚାଇ ରଖି ପୂଜା କରାଯାଉଥିଲା। ଏହା ଅତ୍ୟନ୍ତ ଗୋପନ ରହିଲା। ଏହିଭଳି ସାତବର୍ଷ ବିତିଗଲା। ଖୋରଧାର ରାଜା ରାମଚନ୍ଦ୍ର ଦେବଙ୍କ ରାଜଗୁରୁ ବର୍ଦ୍ଧନ ମହାପାତ୍ର ବ୍ରହ୍ମ ବିଷୟକ ଖବର ବିଶର ମହାନ୍ତିଙ୍କଠାରୁ ଗୋପନରେ ପ୍ରାପ୍ତ ହୋଇ କୁଜଙ୍ଗ ମୁକାମରେ ସଦଳବଳ ଉପସ୍ଥିତ ହେଲେ। ଐତିହାସିକଙ୍କ ମତରେ ରାଜା ରାମଚନ୍ଦ୍ର ଦେବ ସମ୍ଭବତଃ ନିଜେ ଠାକୁରଙ୍କ ବ୍ରହ୍ମଙ୍କୁ ନେବା ପାଇଁ କୁଜଙ୍ଗ ବିଜେ କରିଥିଲେ। ବ୍ରହ୍ମଙ୍କୁ ଯେଉଁଠାରେ ଲୁଚାଇ ରଖାଯାଇଥିଲା ସେହି ସ୍ଥାନରେ ଦରିଆ ମହାବୀରଙ୍କ ମୂର୍ତ୍ତି ସମୁଦ୍ରକୁ ମୁଖକରି ଦଣ୍ଡାୟମାନ ହୋଇଛନ୍ତି। ଏହା ଗଡ଼ କୁଜଙ୍ଗ ମହନ୍ତଙ୍କ ଦଖଲରେ ରହିଛି। ଛତିଶା ନିଯୋଗରେ ଦିଅଁଙ୍କ ବ୍ରହ୍ମ ପୁରୀ ଯିବା ପରେ ଅନନ୍ତ ନରେନ୍ଦ୍ର ସାମନ୍ତଙ୍କ ପୁତ୍ର ଗୋପୀନାଥ ନରେନ୍ଦ୍ର ଦିଅଁଙ୍କ ସ୍ମୃତିରେ ଗଡ଼ କୁଜଙ୍ଗଠାରେ ଏକ ମନ୍ଦିର ପ୍ରତିଷ୍ଠା କରିଥିଲେ ଯାହା କୁଞ୍ଜବିହାରୀ ମନ୍ଦିର ଭାବେ ସୁପରିଚିତ। କୁଜଙ୍ଗକୁ ଦେବୀ ସୁଭଦ୍ରାଙ୍କ କ୍ଷେତ୍ର ବୋଲି କୁହାଯାଏ। ଶ୍ରୀମନ୍ଦିର ରୀତନୀତି ଅନୁଯାୟୀ ଏଠାରେ ସେପରି ସେବାପୂଜା ଚାଲେ। କୁଜଙ୍ଗଗଡ଼ କେବଳ ଏକ ଐତିହ୍ୟ ଭୂମି ନୁହେଁ ବରଂ ଏହା ଏକ ପୁଣ୍ୟ ପୀଠ। ସେହିପରି ଏହି ଅଞ୍ଚଳରେ ସାମନ୍ତ ରାଜା ଭାବେ ଖ୍ୟାତ ଥିଲେ ବିଶିଷ୍ଟ ସାହିତ୍ୟିକ, ସ୍ୱାଧୀନତା ସଂଗ୍ରାମୀ, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ସହକର୍ମୀ ତଥା ଓଡ଼ିଶା ବିଧାନ ସଭାର ପୂର୍ବତନ ଉପବାଚସ୍ପତି–ନାରାୟଣ ବୀରବର ସାମନ୍ତ ତାଙ୍କର ଜନସେବା ଯଶକୀର୍ତ୍ତି ଯୁଗେ ଯୁଗେ ସ୍ମରଣୀୟ।

–ବନବିହାରୀ ବେହେରା,

ଫଟୋ– ତପନ କୁମାର ସାମନ୍ତରାୟ (କାର୍ଯ୍ୟକାରୀ ସଭାପତି ନାରାୟଣ ବୀରବର ସାମନ୍ତ ଟ୍ରଷ୍ଟ, କୁଜଙ୍ଗ)




*ହୀମାଚଳ ପ୍ରଦେଶରେ ଅବସ୍ଥିତ ଏକ ଶାନ୍ତ, ମନୋରମ ସ୍ଥାନ ହେଉଛି ଶୋଜା। ଏଠାକାର ଅପୂର୍ବ ପ୍ରାକୃତିକ ଦୃଶ୍ୟ, ଦେବଦାରୁ ଜଙ୍ଗଲ ତଥା ବରଫାବୃତ ଉଚ୍ଚ ଉଚ୍ଚ ପାହାଡ଼ର ସୌନ୍ଦର୍ଯ୍ୟ ଶୀତଦିନେ ଦେଖିବାକୁ ବେଶ୍ ମନୋରମ ଲାଗେ। ଆଉ ଖରାଦିନେ ଏଠାକାର ଶୀତଳତା ଭରା ଜଳବାୟୁରେ ବୁଲିବା ପର୍ଯ୍ୟଟକଙ୍କୁ ନିଆରା ଅନୁଭୂତି ଦେଇଥାଏ...*



# ଶାନ୍ତ, ମନୋରମ ସ୍ଥଳ ଶୋଜା






ଶୋଜା ହେଉଛି ହୀମାଚଳ ପ୍ରଦେଶସ୍ଥିତ ଏକ ଶାନ୍ତ, ମନୋରମ ସ୍ଥାନ। ଏଠାକାର ଗଛଲତାଭରା ପାହାଡ଼ି ପରିବେଶ, ଶାନ୍ତ ବାତାବରଣ ଓ ସ୍ୱଚ୍ଛ ଜଳବାୟୁ ପର୍ଯ୍ୟଟକଙ୍କୁ ଖୁବ୍ ଆକର୍ଷିତ କରେ। କେବଳ ସେତିକି ନୁହେଁ ପର୍ଯ୍ୟଟକଙ୍କ ଦେଖିବା ନିମନ୍ତେ ଏଠାରେ ରହିଛି ବହୁ ଦର୍ଶନୀୟ ସ୍ଥାନମାନ।

### କ'ଣ ଦେଖିବେ

* **ଶୋଜା ଜଳପ୍ରପାତ:** ଏହା ଶୋଜା ନିକଟବର୍ତ୍ତୀ ଏକ ମନୋରମ ଜଳପ୍ରପାତ। ପର୍ଯ୍ୟଟକ ଏଠାରେ ଗାଧୋଇବା ସହ ଫଟୋଗ୍ରାଫିର ମଜା ମଧ୍ୟ ନେଇପାରିବେ।
* **ଜଲୋରି ପାସ୍:** ଏହା ସମୁଦ୍ରପତ୍ତନରୁ ପ୍ରାୟ ୩,୧୨୦ ମିଟର ଉଚ୍ଚତାରେ ଅବସ୍ଥିତ ଶୋଜା ନିକଟସ୍ଥ ଏକ ମନୋରମ ସ୍ଥାନ ; ଯେଉଁଠାରୁ ହୀମାଳୟର ଅପୂର୍ବ ଦୃଶ୍ୟକୁ ଦେଖିବା ବେଶ୍ ଆଖିଦୃର୍ଶୀୟା ଲାଗେ।
* **ସେରୋଲସର୍ ହ୍ରଦ:** ଏହା ଜଲୋରି ପାସ୍ ଠାରୁ ପ୍ରାୟ ୩/୪ କି.ମି ଦୂରରେ ଅବସ୍ଥିତ ଏକ ଶାନ୍ତ, ସୁନ୍ଦର ସ୍ଥାନ। ଏଠାକୁ ଯିବାକୁ ହେଲେ ପର୍ଯ୍ୟଟକଙ୍କୁ ଟ୍ରେକିଂ କରିବାକୁ ପଡିଯାଏ ; ଯାହା ସେମାନଙ୍କୁ ନିଆରା ଅନୁଭୂତି ଦେଇଥାଏ।
* **ରଘୁପୁର ଦୁର୍ଗ:** ଶୋଜା  ନିକଟସ୍ଥ ଏହା ଏକ ଐତିହାସିକ ଦୁର୍ଗ। ଦୁର୍ଗର ଭଗ୍ନାଂବଶେଷ ଏବେ ଏଠି ଦେଖିବାକୁ ମିଳେ। ତଥାପି ଏହି ଦୁର୍ଗ ନିକଟରେ ଠିଆହେଲେ ୩୬୦ ଡିଗ୍ରୀର ଦୃଶ୍ୟ ବେଶ୍ ଆରାମରେ ଦେଖିହୁଏ।
* **ତୀର୍ଥନ ଘାଟି:** ଏହା ମଧ୍ୟ ଶୋଜା ନିକଟବର୍ତ୍ତୀ ଏକ ରୋମାଞ୍ଚକର ସ୍ଥାନ। ଏହି ଘାଟି ନିକଟରେ ଏକ ନଦୀ ପ୍ରବାହିତ ହୋଇଥାଏ ; ଯେଉଁଠାରେ ପର୍ଯ୍ୟଟକ ଫିଶିଂର ମଜା ନେଇପାରିବେ। କ୍ୟାମ୍ପିଙ୍ଗ୍ ପାଇଁ ବି ଏଠି ବିଶେଷ ସୁବିଧା ଉପଲବ୍ଧ।

ଏସବୁ ବ୍ୟତିତ ଶୋଜାର ଆଖପାଖ ଅଞ୍ଚଳରେ ପର୍ଯ୍ୟଟକ ଅଭୟାରଣ୍ୟ, ପାର୍କ, ଛୋଟବଡ଼ ମନ୍ଦିର ଆଦି ଥିବାର ମଧ୍ୟ ଦେଖିପାରିବେ।



### ମୁଖ୍ୟ ଆକର୍ଷଣ

ଟ୍ରେକିଂ ଓ ହାଇକିଂ ପ୍ରିୟ ପର୍ଯ୍ୟଟକଙ୍କ ପାଇଁ ଶୋଜା ଏକ ବେଷ୍ଟ ଡେଷ୍ଟିନେଶନ। ପ୍ରକୃତିପ୍ରେମୀ ବି ଏଠାକୁ ଆସି ପ୍ରକୃତିର ଅପୂର୍ବ ସୌନ୍ଦର୍ଯ୍ୟକୁ ମନଭରି ଉପଭୋଗ କରିପାରିବେ। ସେହିପରି ନବବିବାହିତାଙ୍କ ପାଇଁ ଏହା କୌଣସି ରୋମାଣ୍ଟିକ୍ ଡେଷ୍ଟିନେଶନଠାରୁ ବି କିଛି କମ୍ ଅନୁଭୂତି ଦେଇ ନଥାଏ।


### ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତର ଦୃଶ୍ୟ

ଉଚ୍ଚ ଉଚ୍ଚ ପାହାଡ଼ ପର୍ବତ ଘେରା ଶୋଜାର ଏହି ସ୍ଥାନରେ ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତର ଅପୂର୍ବ ସୌନ୍ଦର୍ଯ୍ୟକୁ ଦେଖିବା ବେଶ୍ ମନୋରମ ଲାଗେ। ତା'ଛଡ଼ା ଏଠାରେ ଜାତିଜାତିକା ପକ୍ଷୀଙ୍କୁ ବି ଦେଖିବାର ସୂଯୋଗ ମିଳେ। ଉପତ୍ୟାକାର ଅପୂର୍ବ ଦୃଶ୍ୟ ବି ଆଖି ଝଲସେଇ ଦିଏ।

### କେବେ ଓ କେମିତି ଯିବେ

ଶୋଜା ବୁଲିଯିବା ପାଇଁ ବର୍ଷର ସବୁ ସମୟ ଭଲ। ତେବେ ଖରାଦିନେ ଏଠାକାର ଶୀତଳତାଭରା ଜଳବାୟୁରେ ବୁଲିଲେ ଥକ୍କାପଣ ଅନୁଭବ ହୁଏନି। ସେହିପରି ଶୀତଦିନେ ଏଠାକୁ ଗଲେ ତୁଷାରପାତର ମଜା ନେଇହୁଏ। ଏଠାକୁ ଯିବା ପାଇଁ ଗମନାଗମନର ବି ଭଲ ବ୍ୟବସ୍ଥା ରହିଛି। ଶିମ୍ଲା ରେଲୱେ ଷ୍ଟେଶନ ହେଉଛି ଏଠାକାର ନିକଟତମ ରେଳଷ୍ଟେଶନ।





# ପୁରୁଷଙ୍କ ତୁଳନାରେ ମହିଳା ଅଧିକ ବର୍ଷ ବଞ୍ଚନ୍ତି

**ନାରୀ ଓ ପୁରୁଷ ଦୁହିଁଙ୍କ ଶାରୀରିକ ଗଠନ ଭିନ୍ନ ଭିନ୍ନ। ପୁରୁଷମାନେ ମହିଳାଙ୍କ ତୁଳନାରେ ଅଧିକ ଶକ୍ତିଶାଳୀ, ଉଚ୍ଚତାରେ ଅଧିକା ଅଧିକ ଜୋରରେ ଦୌଡ଼ି ପାରନ୍ତି, ଅଧିକ ଓଜନ ବି ଉଠାଇ ପାରନ୍ତି, ସବୁକ୍ଷେତ୍ରରେ ପୁରୁଷ ଅଧିକା କିନ୍ତୁ ଯେତେବେଳେ ଚିକିତ୍ସା ବିଜ୍ଞାନ କଥା ଆସେ, ସେତେବେଳେ ପୁରୁଷମାନେ ଦୁର୍ବଳ ବୋଲି ପ୍ରମାଣିତ ହୁଅନ୍ତି। କେବଳ ସେତିକି ନୁହେଁ ଅନେକ ଗବେଷଣାରୁ ବି ଜଣାପଡ଼ିଛି ଯେ, ପୁରୁଷମାନେ ମହିଳାଙ୍କ ତୁଳନାରେ କମ୍ ସମୟ ବଞ୍ଚନ୍ତି ଏବଂ ସେମାନଙ୍କୁ ମହିଳାଙ୍କ ଅପେକ୍ଷା ଅଧିକ ରୋଗ ମଧ୍ୟ ହୋଇଥାଏ । ଏହା ପଛର କାରଣ କ'ଣ? ଜାଣନ୍ତୁ ସେ ସମ୍ପର୍କରେ...**

ଗତ ଶହେ ବର୍ଷ ମଧ୍ୟରେ ଲୋକଙ୍କ ଖାଦ୍ୟପେୟରେ ଉନ୍ନତି ହୋଇଛି, ରୋଗ ସହ ଲଢ଼ିବା ପାଇଁ ଉନ୍ନତମାନର ଔଷଧ ଆସିଛି। ଫଳରେ ହାରାହାରି ଆୟୁଷରେ ବୃଦ୍ଧି ଘଟିଛି, କିନ୍ତୁ ଆଜି ବି ପୁରୁଷଙ୍କ ତୁଳନାରେ ମହିଳାମାନେ ଅଧିକ ସୁସ୍ଥ ରୁହନ୍ତି ଏବଂ ଅଧିକ ଦିନ ପର୍ଯ୍ୟନ୍ତ ଜୀବିତ ରୁହନ୍ତି। ଏସବୁ ପଛରେ କିଛି କାରଣ ରହିଛି ଯେମିତିକି–

**ଜିନ** – ହାର୍ଭାର୍ଡ ମେଡିକାଲ ୱେବସାଇଟ ଅନୁଯାୟୀ, ଭ୍ରୂଣର ବିକାଶ ସମୟରୁ ହିଁ ମହିଳା ଏବଂ ପୁରୁଷ ପରସ୍ପରଠାରୁ ଅଲଗା ହୋଇଯାନ୍ତି। ଯଦିଓ ଉଭୟଙ୍କ ପାଖରେ ୨୩ ଯୋଡ଼ା କ୍ରୋମୋଜୋମ ଥାଏ, କିନ୍ତୁ ପ୍ରଥମ ୨୨ ଯୋଡ଼ା କ୍ରୋମୋଜୋମ ଉଭୟ ଲିଙ୍ଗରେ ସମାନ ଥାଏ। କେବଳ ୨୩ତମ ଯୋଡ଼ାଟି ଅଲଗା ହୋଇଥାଏ। ପୁରୁଷମାନଙ୍କ କ୍ଷେତ୍ରରେ ୨୩ତମ ଯୋଡ଼ାରେ ଏକ 'X' ଏବଂ ଏକ 'Y' କ୍ରୋମୋଜୋମ ଥାଏ, ଯେଉଁଠାରେ ମହିଳାମାନଙ୍କ ୨୩ତମ ଯୋଡ଼ାରେ ଉଭୟ କ୍ରୋମୋଜୋମ 'X' ହିଁ ହୋଇଥାଏ। 'Y' କ୍ରୋମୋଜୋମ, 'X' କ୍ରୋମୋଜୋମ ତୁଳନାରେ ଏକ-ତୃତୀୟାଂଶ ଛୋଟ ଏବଂ ଏଥିରେ 'X' ତୁଳନାରେ ବହୁତ କମ୍ ଜିନ୍ ଥାଏ। ସବୁଠାରୁ ବଡ଼ କଥା ହେଉଛି, ପୁରୁଷମାନଙ୍କଠାରେ କିଛି 'Y' କ୍ରୋମୋଜୋମର ସମ୍ପର୍କ ବିଭିନ୍ନ ରୋଗ ସହିତ ରହିଥାଏ। ଏହି କାରଣରୁ ପୁରୁଷମାନଙ୍କ କ୍ଷେତ୍ରରେ ସାରା ଜୀବନ ମୃତ୍ୟୁର ବିପଦ ମହିଳାମାନଙ୍କ ତୁଳନାରେ ଅଧିକ ରହିଥାଏ।

**ହରମୋନ:** ପୁରୁଷମାନେ ଯେଉଁ ଟେଷ୍ଟୋଷ୍ଟେରନ ହରମୋନକୁ ନିଜ ପୁରୁଷତ୍ୱର ପ୍ରତୀକ ବୋଲି ମାନନ୍ତି, ସେହି ଟେଷ୍ଟୋଷ୍ଟେରନ ହିଁ ସମୟ ପୂର୍ବରୁ ହୃଦୟର ମାଂସପେଶୀକୁ ଦୁର୍ବଳ କରିବାକୁ ଲାଗେ ଏବଂ ଅନେକ ପ୍ରକାରର ହୃଦରୋଗ ସୃଷ୍ଟି କରେ। ଅନ୍ୟପଟେ, ମହିଳାମାନଙ୍କ ଶରୀରରେ ନାରୀତ୍ୱକୁ ପ୍ରୋତ୍ସାହିତ କରୁଥିବା ଏଷ୍ଟ୍ରୋଜେନ ହରମୋନ ହୃଦୟର ରକ୍ଷା କରିବାରେ ଚମତ୍କାର କାମ କରିଥାଏ। ଏବେ ଆପଣ ବୁଝିଯାଇଥିବେ ଯେ, କାହିଁକି ମହିଳାମାନଙ୍କଠାରେ ହୃଦୟ ସମ୍ବନ୍ଧୀୟ ରୋଗ ଏତେ କମ ଦେଖାଯାଏ।

**ପ୍ରଜନନ ଅଙ୍ଗ:** ପୁରୁଷଙ୍କ କ୍ଷେତ୍ରରେ ପ୍ରୋଷ୍ଟେଟ ଗ୍ଲାଣ୍ଡ ଅନେକ ସମସ୍ୟା ସୃଷ୍ଟି କରିଥାଏ। ଯଦିଓ ମହିଳାମାନଙ୍କ କ୍ଷେତ୍ରରେ ସ୍ତନ କର୍କଟ, ଜରାୟୁ କର୍କଟ ଏବଂ ଗର୍ଭାଶୟ କର୍କଟ ଭଳି ମାମଲା ଦେଖି ଆପଣଙ୍କୁ ଲାଗୁଥିବ ଯେ ଏହି କ୍ଷେତ୍ରରେ ପୁରୁଷମାନେ ଅଧିକ ସୁରକ୍ଷିତ। କିନ୍ତୁ ପ୍ରକୃତରେ ତାହା ନୁହେଁ। ପୁରୁଷମାନଙ୍କୁ ଅନ୍ୟ ଅନେକ କ୍ଷେତ୍ରରେ ଅଧିକ କର୍କଟ ରୋଗ ହୋଇଥାଏ।

**ମେଟାବୋଲିଜିମ:** ଏକ ଆଶ୍ଚର୍ଯ୍ୟଜନକ କଥା ହେଉଛି ଯେ, ହୃଦୟକୁ ସୁରକ୍ଷିତ ରଖୁଥିବା 'ଗୁଡ କୋଲେଷ୍ଟ୍ରଲ' ମହିଳାମାନଙ୍କଠାରେ ଅଧିକ ଥାଏ। ମହିଳାମାନଙ୍କ ଶରୀରରେ ଗୁଡ କୋଲେଷ୍ଟ୍ରଲର ପରିମାଣ ୬୦.୩ ମିଲିଗ୍ରାମ ପ୍ରତି ଡେସିଲିଟର ହୋଇଥାଏ, ଯେଉଁଠାରେ ପୁରୁଷମାନଙ୍କ କ୍ଷେତ୍ରରେ ଏହା ମାତ୍ର ୪୮.୫ ରହିଥାଏ। ଏହାଦ୍ୱାରା କେବଳ ହୃଦରୋଗର ଆଶଙ୍କା କମି ନ ଥାଏ, ବରଂ ମେଦବହୁଳତା ଏବଂ ଅନ୍ୟାନ୍ୟ ରୋଗର ଭୟ ମଧ୍ୟ କମ ରହିଥାଏ। ଏହା ସହିତ ମେଟାବୋଲିଜିମ ମଧ୍ୟ ଅଧିକ ସକ୍ରିୟ ରହିଥାଏ।

**ସାମାଜିକ-ବ୍ୟବହାରିକ କାରକ:** ଏହା ବ୍ୟତୀତ ଅନେକ ସାମାଜିକ କାରକ ମଧ୍ୟ ରହିଛି ଯେଉଁଥିପାଇଁ ମହିଳାମାନେ ପୁରୁଷଙ୍କ ତୁଳନାରେ ଅଧିକ ଶକ୍ତିଶାଳୀ ହୋଇଥାନ୍ତି। ମହିଳାମାନେ ସାମାଜିକ ଭାବେ ଅଧିକ ସକ୍ରିୟ ରୁହନ୍ତି ଏବଂ ହିଂସା ତଥା ଆକ୍ରମଣାତ୍ମକ ମନୋଭାବ ମହିଳାମାନଙ୍କର ଗୁଣ ନୁହେଁ।

ପୁରୁଷମାନଙ୍କ ତୁଳନାରେ ମହିଳାମାନେ କମ ସିଗାରେଟ, ମଦ ଏବଂ ତମାଖୁ ସେବନ କରନ୍ତି। ଅଧିକାଂଶ କ୍ଷେତ୍ରରେ ମହିଳାମାନଙ୍କର ଖାଦ୍ୟପେୟ ପୁରୁଷଙ୍କ ଅପେକ୍ଷା ଅଧିକ ସ୍ୱାସ୍ଥ୍ୟକର ହୋଇଥାଏ। ମହିଳାମାନେ ଘରର କାମ ଅଧିକ କରନ୍ତି, ଯାହା ଫଳରେ ସେମାନଙ୍କର ଶାରୀରିକ ବ୍ୟାୟାମ ମଧ୍ୟ ଅଧିକ ହୋଇଥାଏ। ଏପରି ଅନେକ କାରଣ ରହିଛି ଯାହା ଯୋଗୁଁ ମହିଳାମାନେ ଚିକିତ୍ସା ବିଜ୍ଞାନ ଦୃଷ୍ଟିକୋଣରୁ ପୁରୁଷଙ୍କ ତୁଳନାରେ ଅଧିକ ମଜବୁତ ହୋଇଥାନ୍ତି।





# ଛଏ ଘର ନା କାନ୍ଥ!



**ଆ**ଜିକାଲି ଯେଉଁଠି ଲୋକମାନେ ବଙ୍ଗଳା ଏବଂ ଆଲିସାନ ଭିଲ୍ଲାର ସ୍ୱପ୍ନ ଦେଖୁଛନ୍ତି, ସେହି ସମୟରେ ପେରୁର ଲିମା ସହରରେ ଏଭଳି ଏକ ଆଶ୍ଚର୍ଯ୍ୟଜନକ ଘର ତିଆରି ହୋଇଛି, ଯାହାକୁ ପ୍ରଥମ ଦେଖାରେ କୌଣସି କାନ୍ଥ କିମ୍ବା ଏକ ପିଲାର ଭଳି ମନେ ହେବ। କିନ୍ତୁ ପ୍ରକୃତରେ ଏହା ଏକ ସମ୍ପୂର୍ଣ୍ଣ ଦୁଇ ମହଲା ବିଶିଷ୍ଟ ଘର। ଏହି ଘରର ଓସାର ମାତ୍ର ୬୩ ସେଣ୍ଟିମିଟର। ଏହି ଘରଟି ଏତେ ସଂକୀର୍ଣ୍ଣ ଯେ ଜଣେ ସାଧାରଣ ମଣିଷକୁ ଏହା ଭିତରେ ପ୍ରବେଶ କରିବା ପାଇଁ ନିଜ ନିଃଶ୍ୱାସ ରୋକିବାକୁ ପଡ଼ିପାରେ। କିନ୍ତୁ ଭିତରର ଦୁନିଆ ବେଶ ଚକିତ କଲା ଭଳି। କାରଣ କାଠରେ ତିଆରି ଏହି ଛୋଟ ଘର ଭିତରେ ସେହି ସବୁ ସୁବିଧା ଅଛି, ଯାହା ଏକ ସାଧାରଣ ଘରେ ଦେଖିବାକୁ ମିଳିଥାଏ। ଏଥିରେ ଏକ ଲିଭିଙ୍ଗ ରୁମ, ଡାଇନିଂ ଏରିଆ, ଏକ ସିଙ୍କ, ବାଥରୁମ ଏବଂ ବେଡରୁମ ତିଆରି କରାଯାଇଛି। ଏହି ଘରର ମାଲିକ ଫ୍ୟାବିଓ ଅର୍ନେଷ୍ଟୋ ମୋରେନୋଙ୍କ କହିବା ଅନୁଯାୟୀ, ସେ ଏହାକୁ ବହୁତ ସ୍ମାର୍ଟ ଉପାୟରେ ଡିଜାଇନ କରିଛନ୍ତି। ଏହା ମାତ୍ର ୬୩ ସେ.ମି ଓସାର, କିନ୍ତୁ ଯେମିତି ଯେମିତି ଆପଣ ଭିତରକୁ ପଛ ଆଡ଼କୁ ଯିବେ, ଏହାର ଓସାର ବଢ଼ି ବଢ଼ି ଚାଲେ ଏବଂ ସର୍ବାଧିକ ୧୩୦ ସେଣ୍ଟିମିଟର ପର୍ଯ୍ୟନ୍ତ ପହଞ୍ଚିଯାଏ। ଫ୍ୟାବିଓ କହିଛନ୍ତି, 'ମୋର ଲକ୍ଷ୍ୟ କେବଳ ରେକର୍ଡ କରିବା ନୁହେଁ, ବରଂ ପେରୁର ଏହି ଛୋଟ ଅଞ୍ଚଳ 'ଔକାଲାମା'କୁ ବିଶ୍ୱ ମାନଚିତ୍ରକୁ ଆଣିବା।' ସୂଚନାଯୋଗ୍ୟ ଯେ, ବର୍ତ୍ତମାନ ଦୁନିଆର ସବୁଠାରୁ ପତଳା ଘରର ମୁକୁଟ ପୋଲାଣ୍ଡର 'କେରେଟ ହାଉସ' ନାମରେ ରହିଛି, ଯାହାର ଓସାର ମାତ୍ର ୯୨ ସେଣ୍ଟିମିଟର। କିନ୍ତୁ ପେରୁର ଏହି ୬୩ ସେମି ବିଶିଷ୍ଟ ଘର ଏବେ ଗିନିଜ ୱାର୍ଲ୍ଡ ରେକର୍ଡସରେ ନିଜର ଦାବି ଉପସ୍ଥାପନ କରିସାରିଛି। ସାର୍ଟିଫିକେଟ ମିଳିବା ପୂର୍ବରୁ କିନ୍ତୁ ଏହି ଘରଟି ଏକ ପର୍ଯ୍ୟଟନ କେନ୍ଦ୍ର ପାଲଟିଛି। ଲୋକମାନେ ଦୂରଦୂରାନ୍ତରୁ ଏହାକୁ ଦେଖିବାକୁ ଏବଂ ସେଲଫି ନେବାକୁ ପହଞ୍ଚୁଛନ୍ତି। କିଛି ଲୋକ ଏହାକୁ ଇଞ୍ଜିନିୟରିଂର ଅଦ୍ଭୁତ ନମୁନା କହୁଥିବା ବେଳେ କିଛି ଲୋକ ଏହାକୁ 'ପବ୍ଲିସିଟି ଷ୍ଟଣ୍ଟ' ବୋଲି କହୁଛନ୍ତି।

# କାନ୍ଥର କାନ



## କଥା ଚାଟ୍

ଶ୍ରୀମାନ୍ ସର୍ବଗିଳା

ସାବି ଭାଉଜଙ୍କ ଘର ଆମ ଘରଠାରୁ ଚାରି ଘର ଛାଡ଼ି ପୂରୁବକୁ । ଆମ ଘର ପଶ୍ଚିମକୁ ଲାଗିକି ହେମାନାନୀ ଘର। ଗାଁରେ ଲେଖାଯୋଖା ଏମିତି ହିସାବରେ କିଏ ମାଉସୀ, କିଏ ଖୁଡ଼ୀ ତ କିଏ ଦେଢେଇ, ପିଉସୀ ଡାକରେ ଚଳନ୍ତି, ଶହେ ସରିକି ପରିବାର । କିଏ ଥିଲା ବାଲା ତ କିଏ ନ ଥିଲା ବାଲା ତ ପୁଣି କିଏ ମଝି ମଝିଆ ଚଳଣିର– ନିଜ ନିଜ ରୋଜଗାର ଘେନି । ହେଲେ ମଣିଷର ପ୍ରକୃତି ଏମିତି ଯେ, ଶାଗ ଖିଆକୁ ପେଯ ପିଆ ଦେଖି ସହି ପାରନ୍ତିନି । କିଏ କଳିହୁଡି ତ ପୁଣି କିଏ ମୁରବୀ ବୁଢ଼ୀ। କିଏ ନାକ କାନ୍ଦୁରି ତ କିଏ ପର–ଉପକାରୀ । ଯେମିତି ଏକା ରଙ୍ଗ ଏକା ଜାତି ଏକା ଭଳିଆ ଫୁଲରେ ହାର କଲେ ବେଶି ସୁନ୍ଦର ଲାଗେନି, ଠିକ୍ ସେମିତି ଏକା ଗୁଣର ସମସ୍ତେ ହେଲେ ଜୀବନ ଜିଇବାରେ ମଜା ଆସେନି। ସେଇଥିପାଇଁ ନାଟକରେ ଭିନ୍ନ ଭିନ୍ନ ଚରିତ୍ରମାନଙ୍କୁ ନେଇ ଦର୍ଶକଙ୍କ ମନ ମୋହିଲା ବାଗିଆ, ଆମ ଗାଁରେ ବାର ପ୍ରକୃତିଆ ଷୋ'ଳ ଗୁଣ ଯୁକ୍ତ ପରିବାର ଥାଇ, ପ୍ରାୟ ସବୁଦିନ କିଏ କାହା ସହ ଝଗଡ଼ା କରୁ କି ଓଷା ପୁନେଇଁରେ ଖିଆପିଆ ଡକହକା ହଉ, କି କାହାର କୋଉ କଥାକୁ ଧରି ଗାଁ କମିଟିରେ ନ୍ୟାୟ ନିଶାପ ଚାଲିଲା ବେଳେ... ନାନା ପ୍ରକାରିଆ କଥା ଶୁଣିବାକୁ ମିଳୁ, ସବୁଥିରେ ଦୁଃଖ ଭିତରେ ସୁଖ, ଆଉ ସୁଖ ଭିତରେ ଅଦୃଶ୍ୟ ଦୁଃଖ ଥାଏ । ଯେତେ କଜିଆ ଅପଡ଼ ହଉ ପଛେ, ଗାଁ ଯନ୍ତାଳ, ଦୋଳ ପରବ, ବଡବଡୁଆ ଡକା, କିମ୍ବା ରଜ ପରବ ବେଳେ ଡ୍ରାମା କି ପାଲା ହେଲେ ଅବା ଭୋଜିଭାତ ହେଲେ ପ୍ରାୟ ସମସ୍ତଙ୍କ ମନ ମିଶି ଯାଉଥିଲା। ଆଉ କେତେବେଳେ ମାଇପି ମାଇପି ଭିତରେ ସକାଳେ କଳି ଲାଗିଥିଲେ, ଯେତେ ପାଟିତୁଣ୍ଡ ହେଇ ଥିଲେ ବି, ସଞ୍ଜକୁ ଖାଡା ପଡିଆକୁ ଗଲାବେଳେ କି ଦାନ୍ତ ଘଷିବାକୁ ଗୁଡ଼ାଖୁ ମାଗିଲା ବେଳେ, ଆଉ ସେ ଝଗଡ଼ା ନ ଥାଏ । ହସ ଖୁସିରେ ଦାଣ୍ଡ ଠାରୁ ନଈପଠା, ପୋଖରୀ ତୁଠ ଫାଟି ପଡୁଥାଏ । ଅବଶ୍ୟ ସେଇଠି ବି ପର ଗୋଇ ଖୋଳାଖୋଳି ହୁଅନ୍ତି, କିନ୍ତୁ ସେଇଟା ମନ ଫଟାଫଟି ନୁହଁ, ବରଂ ମନୋରଞ୍ଜନ କାର୍ଯ୍ୟକ୍ରମରେ ଯାଏ । ହେଇ ଦେଖିଲେ...ମୁଁ କୋଉ କଥା କହିବାକୁ ଯାଇ କୋଉଠି ଉଠିଲିଣି !

ହଁ ସେଇ ସାବି ଭାଉଜ ଆଉ ହେମାନାନୀ କଥା କହୁଛି ଶୁଣନ୍ତୁ । କଥାରେ ରହସ୍ୟ ଅଛି ବୋଲି ସିନା କହୁଛି । ନ ହେଲେ ତେମେ ଆପଣଙ୍କ ସମୟ ସାରିବାକୁ ବୁଥାରେ ମୁଁ କିଏ ହୋ ? ଏଇ ମ ହେମାନାନୀ, ଯାହା ଘର ଆମ ପାଚେରି କାନ୍ଥକୁ ଲାଗିଛି, ତାଙ୍କ ଘରେ କିଏ କ'ଣ କଥା ହେଲେ ଆମେ ଶୁଣି ପାରୁନା । ମାତ୍ର ଆମ ଘରକୁ ମିଶେଇ ପାଞ୍ଚ ଘର ଛାଡ଼ି ସାବି ଭାଉଜ କେମିତି ହେମାନାନୀର ସବୁ ଘରକଥା ଜାଣନ୍ତି, ଭାବିଲେ ମତେ କାବା ଲାଗେ । ଏଇ ଦୁଇ ପରିବାର ମୋ ଜାଣିବାରେ କେବେ ପଡନ୍ତି ନାହିଁ... । ପ୍ରାୟ ଦଶ କି ବାର ବରଷ ଉପରେ ହେବ । କୋଉ କାଳର ସାମାନ୍ୟ କଥାରେ ଅପଡ଼ ଖାଲି ତ ନୁହଁ, ବରଂ ମାସକୁ ଅତି କମ୍‌ରେ ଛଅଥର ଝଗଡ଼ା ବକା ହୁଅନ୍ତି। ପରସ୍ପର ଘରର ଗୁମର ଗୋଇ ଖୋଳା ଖୋଳି ହୁଅନ୍ତି । ଯେବେ ଜଣେ ପଚାରେ ତୁ ମୋ ଘର କଥା କେମିତି ଜାଣିଲୁ କହ ? ଆର ଜଣକ କହନ୍ତି, ତୁ ଯେମିତି ମୋ ଘର ଖବର ଜାଣୁ, ମୁଁ ବି ସେମିତି ସବୁ ଜାଣେ। ଆଲୋ, କାନ୍ଥର ପରା କାନ ଅଛି ! ମୁଁ ବହୁ ଥର ଭାବେ ସତରେ କ'ଣ କାନ୍ଥର କାନ ଅଛି ? ମୋ ପିଲା ମୁଣ୍ଡରେ ଏତେ କଥା ପଶୁନଥିଲା। ଦୁଇ ପରିବାର ପରସ୍ପର ମୋ ବୋଉକୁ, ଯିଏ ହଲିଲା ପାଣିରେ ଗୋଡ଼ ବୁଡ଼ାଏ ନାହିଁ, ତାକୁ ସନ୍ଦେହ କରନ୍ତି । କାଳେ କାନ ଡେରି ହେମା ନାନୀ ଘରକଥା ଶୁଣି ସାବି ଭାଉଜ ଘରେ କହୁଥିବ,



ଆଉ ତାଙ୍କ ଘର କଥା ୟା'ଙ୍କୁ । କିନ୍ତୁ ମୁଁ ଆଶ୍ଚର୍ଯ୍ୟ ହୁଏ, ସେମିତି ତ ହୁଏନି, ମାତ୍ର କେମିତି ଜଣଙ୍କ ଘରେ ସୋରିଷ ଫୁଟିଲେ ପାଞ୍ଚ ଘର ଛଡ଼ା ଆର ଜଣଙ୍କ ଘରକୁ ବାସେନା ଯାଉଛି ! ସନ୍ଦେହ ମୋ ବୋଉ ଉପରେ ହେଲେ ବି କଥାଟା ସତ ନୁହଁ । ସେମିତି କିଛି କଥା ନ ଥାଏ।

ଚୋର ଘର ସବୁବେଳେ ଅନ୍ଧାର ନ ଥାଏ। ଗାଁରେ ଘରକୁ ଘର ଲାଗିଥାଏ । କାନ୍ଥ ସିନା ଅଲଗା, ହେଲେ ଆଠ ଦଶ ଘର ସଂଘା ବା ଆଟୁ ମିଶିକି ଥାଏ, ଉପରେ ଚାଳକୁ ଚାଳ ମିଶିଲା ଭଳିଆ । ହେମା ନାନୀ ଘରର ବହୁତ ନଡ଼ିଆ ଗଛ । ନଡ଼ିଆ କାନ୍ଧି କାନ୍ଧି ତୋଳି ତାଙ୍କର ସେଇ ଆଟୁ ଉପରେ ଗୋଟି ଗୋଟି କରି ନ ଗଣି ରଖିଦିଅନ୍ତି। ସାବି ଭାଉଜଙ୍କ ଆମ୍ବ ତୋଟାରୁ ଦରପାଚିଲା ଆମ୍ବ ତୋଳେଇ ଆମ୍ବୁଲ ଶୁଖେଇ ତାଙ୍କ ଆଟୁରେ ସିଏ ରଖନ୍ତି । ଯେହେତୁ ଏଇ ଦୁଇ ପରିବାର ଶତ୍ରୁ ଭଳିଆ। ସାବି ଭାଉଜର ପନ୍ଦର ବରଷ ପୁଅ, ଏ ସବୁ ଠାବ କରି କେବେ କେବେ ଖରାବେଳେ ନିଛାଟିଆ ବେଳେ କେହି ଶୋଇଗଲେ କି ନ ଥିଲା ବେଳେ ତାଙ୍କ ଆଟୁରେ ଚଢ଼ି ହେମା ନାନୀ ଆଟୁରୁ ନଡ଼ିଆ ନେଇଯାଏ । ବେଳେବେଳେ ଯଦି ସେମାନେ ନ ଶୋଇ ଚେଇଁଥାନ୍ତି, ଟୋକାଟା ଚୁପଚାପ ବସେ ଓ ତାଙ୍କ କଥା ଶୁଣି ତା' ମା' ଆଗରେ ସବୁ କହେ । ଏମିତିକି କ'ଣ ରୋଷେଇ ହେଇଥିଲା, ସୁଆଦ କି ଅସୁଆଦିଆ ସବୁ ହୁଏ ଫେରାଦ । ଯାହାକୁ ଯେମିତି କରିଛି ଦଇବ, ତା 'ଗୁଣ କି ଅନ୍ୟଥା ହୋଇବ ! ହେମା ନାନୀର ଗୋଟେ ବୋଲି ଝିଅ ବାର ତେର ବରଷ ହେବ । ସିଏ ବି କିଛି କମ୍ ନୁହଁ। ଖଟା ଆଚାର, ଆମ୍ବୁଲ ତା'ର ଭାରି ପ୍ରିୟ । ବେଳକାଳ ଉଣ୍ଡି ସିଏ ବି ଚଣ୍ଡୀ ରୂପ ଧରି ସାବି ଭାଉଜ ଆଟୁରେ ଚଢ଼ି, ପହଞ୍ଚିଯାଏ ଚାରି ଆଟୁ ପାରିହୋଇ । ସିଏ ବି ସାବି ଭାଉଜ ଘରେ କ'ଣ କଥା ହୁଅନ୍ତି, ସେତକ କାନରେ ନିଏ, ଅଣ୍ଟିରେ ଆମ୍ବୁଲ ଚୋରିକଲା ବେଳେ । ଆମ୍ବୁଲ ଆପେ ଲୁଚେଇ ଖାଏ, ତା'ମା'କୁ ୟାଙ୍କ ଘରକଥା ସବୁତକ କହେ । ଏମିତି ପର ଦୋଷ ପରସ୍ପରଙ୍କୁ କହି କଜିଆ ବଢ଼େଇବାରେ ଏଇ ପୁଅ –ଝିଅଙ୍କ ଭୂମିକା ବହୁତ ଥିଲା । ଭାଗ୍ୟକୁ ଦୁଇଜଣଙ୍କ ଚୋରି ସମୟ ଅସଲ ବେଳରେ ମେଳକ ହୋଇଗଲା । ଆମ୍ବୁଲ ନେଲାବେଳେ ହେମାନାନୀ ଝିଅକୁ ରଙ୍ଗିଲା ହାତରେ ଦେଖି ଟୋକା ଚିଲେଇବାକୁ ଯାଉ ଯାଉ, ବିଚରା ତା' ପାଟିକି ଜାବୁଡି ଧରି କହିଲା, କାହାକୁ କିଛି କହନା । ତୁ ଯାହା କହିବୁ ମାନିବି, ତୋ' ପାଇଁ ସବୁ କରିବି। ହେଲେ କହ, ତୁ କିଆଁ ଆମ ଘର ଆଟୁ ଆଡକୁ ଯାଇଥିଲୁ ? ବିଚରା ଟୋକାଟା ଚଲାଖିଆ ଗୁଣରେ କହିଲା ,''ଚେମୀ ଲୋ ! ସତ କହୁଛି, ତୋ ମୁଣ୍ଡ ଛୁଉଁଛି, ତତେ ମୁଁ ଭାରି ଭଲ ପାଉଛି। ତତେ ଦେଖିବାକୁ ମଝିରେ ମଝିରେ ଏଇ ବାଟଦେଇ ଯାଉଛି। ତୁ' ବି ଏ କଥା କାହାକୁ କହିବୁନି । ଆମ ପଢ଼ା ସରିଲେ ଆମେ ବାହା ହୋଇଯିବା, ଆଉ ପୁରୁଣା କଳି ତୁଟେଇ ଦେବା ।'' ବିଚରା ଝିଅ କରେ କ'ଣ ? କହିଲା ନାଇଁ ନାଇଁ, ମୋ ବୋଉ ବାପା ଜାଣିଲେ ମାରି ପକେଇବେ, ମୋ ଟଣ୍ଟି ଚିପିଦେବେ । ଟୋକା କହିଲା ସେମାନେ ଜାଣିଲେ ତ ! ଆଉ ତୁ ଯେବେ ମୋ କଥାରେ ରାଜି ନ ହବୁ, ଏବେ ପାଟିକରି ସମସ୍ତଙ୍କୁ କହିବି ଆମ ଆଟୁରେ ପଶି ଆମ୍ବୁଲ ଚୋରାଉଥିଲୁ ବୋଲି।

ଯା' ହେଉ । ସତ କେତେଦିନ ବା ଲୁଚି ରହେ ? ପରେ ସବୁକଥା ପ୍ରଘଟ ହେଲା, କେମିତି ଭଲ ପାଇବା ଆରମ୍ଭିଲା, ଗାଢ଼ା ପ୍ରେମରେ ବଦଳିଲା ଇତ୍ୟାଦି ! ଏଇ ଘରକୁ ଘର ଆଟୁ ଉପରେ ଯାତାୟାତ ହିଁ ପାଞ୍ଚଘର ଭେଦି କାନ୍ଥର କାନ ଶୁଣୁଥିଲା କଥାର ଅସଲ ଭେଦ ଏତେ ଡେରିରେ ଜାଣିଲି । କାନ୍ଥର କାନ ଶୁଣୁ ଥିବାରୁ ସିନା ବହୁତ ବର୍ଷର ଶତ୍ରୁତା ବଦଳିଲା, ପ୍ରେମ–ପୀରତିର ମହୁ ଝରିଲା । ଆଉ ପୁଅ ଝିଅଙ୍କ ଘଟସୂତ୍ର ସଂଯୋଗ ଘଟଣା ଘଟିଲା । ଭଲହେଲା । ଝିଅ ପୁଅଙ୍କ ଜୀବନ ଯାତ୍ରା ଜନମରୁ ଜୁଇ ଯାଏ ସେଇ ଏକା ଜନମ ଭୂଇଁରେ ଏକା ଗାଁରେ ହୋଇଗଲା । ଆହାଃ ! ବିଚରା କାନ୍ଥର ଦୋଷ କେତେ ବିଚାର କରନ୍ତୁ, ଆଉ କୁହନ୍ତୁ !

– ବୀରହରେକୃଷ୍ଣ ପୁର, ପୁରୀ

ମୋ: ୭୦୦୮୧୮୮୮୪୭

## ପୁସ୍ତକ ସମୀକ୍ଷା


### ଦିବ୍ୟାଲୋକ ସନ୍ଧାନେ

ଏପ୍ରିଲ –୨୦୨୬ ସଂଖ୍ୟା, ମୂଲ୍ୟ – ୩୦/–

ମୁଖ୍ୟ ସମ୍ପାଦକ – ଡ. ଶରତ କୁମାର ରଥ,

ତେଲେଙ୍ଗାପେଣ୍ଠ, କଟକ

ଆଧ୍ୟାତ୍ମିକ ପତ୍ରିକା ଦିବ୍ୟାଲୋକ ସନ୍ଧାନେର ଏହି ସଂଖ୍ୟାର ସ୍ୱତନ୍ତ୍ର ପ୍ରସଙ୍ଗରେ ରୁପା ଫରୁଆରେ କେଉଁଠି ବ୍ରହ୍ମ ଗୋପାଳ ଅଛନ୍ତି ଏବଂ ତାଙ୍କ ମାହାତ୍ମ୍ୟ, ମାସ ସାରା ଜଳ ଲାଗି ହେଉଥିବା ଶିବ ମନ୍ଦିର ବାବଦରେ ରୋଚକ କଥା ଉଲ୍ଲେଖ ଅଛି । ଏହାଛଡ଼ା ପଦ୍ମଶ୍ରୀ ଅନ୍ତର୍ଯାମୀ ମିଶ୍ରଙ୍କ ଜଗନ୍ନାଥ କଥାମୃତ, ଡ. ଅଭିମନ୍ୟୁ ବରାଳଙ୍କ ରାମକଥା, ଲିଙ୍ଗରାଜ ମହାନ୍ତିଙ୍କ କଥା ଭାଗବତ..., ରାଜେନ୍ଦ୍ର ମହାପାତ୍ରଙ୍କ ଭଗବାନଙ୍କୁ ବିଶ୍ୱାସ ଓ ଅବିଶ୍ୱାସ, ଅଲେଖ ମିଶ୍ରଙ୍କ ଚାଲ ଦେଖିଯିବା ପାଲା, ଡ. ମିହିର ପଟ୍ଟନାୟକଙ୍କ ବୃକ୍ଷଲତା ବି କୁହନ୍ତି କଥା, ଅଧ୍ୟାପିକା ମୀରା ବେଉରାଙ୍କ ଜୀବନ ଯୁଦ୍ଧରେ କୌଶଳ ଶିକ୍ଷା, ଭଲ ଲୋକଙ୍କ କଥାରେ ବୀଣାପାଣି ଦାସ, ଡାକ୍ତର ଅରବିନ୍ଦ ନନ୍ଦଙ୍କ ସ୍ୱାସ୍ଥ୍ୟ କଥା, ସ୍ମୃତିରେଖା ମହାକୁଡ଼ଙ୍କ ମାନସିକ ପୂଜା, ଗୋପାଳ ମିଶ୍ର, ବିଜୟ କୁମାର ମହାନ୍ତି, ଅଧ୍ୟାପକ ନିରଞ୍ଜନ ପାଢ଼ୀ ଏବଂ ଶ୍ରୀସନ୍ନ୍ୟାସୀ ଜୀଙ୍କ ପରି ବହୁ ବିଶିଷ୍ଟ ଚିନ୍ତା ନାୟକଙ୍କ ଆଧ୍ୟାତ୍ମିକ ଲେଖା ଆଦି ରହିଛି ।





### ଝରଣା

ତୃତୀୟ ବର୍ଷ :ଦୋଳପୂର୍ଣ୍ଣିମା ସଂଖ୍ୟା –୨୦୨୬

ସମ୍ପାଦକ :ମନୋଜ କୁମାର ଜେନା, ସମ୍ପର୍କ :୧୫୭, ଗୌରୀଗାର୍ଡେନ, ଗୌରୀନଗର, ଭୁବନେଶ୍ୱର –୨, ମୂଲ୍ୟ –୮୦/

ମନୋଜ କୁମାର ଜେନାଙ୍କ ସମ୍ପାଦନାରେ ସାହିତ୍ୟ ପତ୍ରିକା ଝରଣାର ଦୋଳପୂର୍ଣ୍ଣିମା ସଂଖ୍ୟା ପ୍ରକାଶ ପାଇଛି। ଏଥିରେ ୭ଟି ପ୍ରବନ୍ଧ, ୧୨ଟି ଗଳ୍ପ, ଗୋଟିଏ ଅନୁବାଦ ଲେଖା, ଗୋଟିଏ ଭ୍ରମଣକାହାଣୀ, ଗୋଟିଏ ହାସ୍ୟରସର ନାଟିକା ସମେତ ୫୧ଟି କବିତା ସ୍ଥାନ ପାଇଛି। କାଳଜୟୀ କବିତା ଶୀର୍ଷକରେ ଗଙ୍ଗାଧର ମେହେରଙ୍କ ଉଦ୍‌ବୋଧନ କବିତା ସ୍ଥାନ ପାଇଛି। ପ୍ରବନ୍ଧ ବିଭାଗରେ ଉଚ୍ଚକୋଟୀର ପ୍ରବନ୍ଧ ସ୍ଥାନ ପାଇଛି। ଗଳ୍ପଗୁଡ଼ିକ ଖୁବ ମନଛୁଆଁ ହୋଇଛି ; ଯାହା ପ୍ରତିଟି ପାଠକଙ୍କୁ ଟାଣି ଧରିବ। ମାୟାଧର ସ୍ୱାଇଁଙ୍କ ଅନୁବାଦ ଲେଖାଟି ଚମତ୍କାର ହୋଇଛି। ମୋଟ ଉପରେ ୯୮ପୃଷ୍ଠାର ଏଇ ପତ୍ରିକାଟି ନିଜର ସ୍ୱାତନ୍ତ୍ର୍ୟ ବଜାୟ ରଖିପାରିଛି।





### ସାରା ଆକାଶ ତୁମର

ଲେଖକ :ବିରଞ୍ଚି ନାରାୟଣ ଦରୱାନ

ପ୍ରକାଶକ : ଇଙ୍କ ପ୍ରାଇଭେଟ ଲିମିଟେଡ୍, ପୂଜାରୀଗୁଡା, ଚନ୍ଦାହାଣ୍ଡି, ନବରଙ୍ଗପୁର, ୭୬୪୦୭୭

ମୂଲ୍ୟ –୨୯୯/


ସମକାଳୀନ କବି ବିରଞ୍ଚି ନାରାୟଣ ଦରୱାନଙ୍କ ଲିଖିତ ଏହା ଷଷ୍ଠ କାବ୍ୟଗ୍ରନ୍ଥ। ୨୩୯ପୃଷ୍ଠାର ଏଇ କାବ୍ୟଗ୍ରନ୍ଥରେ ୧୨୯ଟି ଭିନ୍ନ ଭିନ୍ନ ଅବବୋଧର ମାର୍ମିକ ଆଳାପ ରହିଛି। କାବ୍ୟଗ୍ରନ୍ଥର ଅୟମାରମ୍ଭ ହୋଇଛି ''ଶ୍ରାବଣ ପରେ ଶ୍ରାବଣ''ରୁ ଏବଂ ପରିସମାପ୍ତି ଘଟିଛି ''ତା'ର ଦୁଇଆଖି'' କବିତାରେ। କବି ହୃଦୟର ବାସ୍ତବ ମାର୍ମିକ ଅଭିବ୍ୟକ୍ତି ହିଁ ଏଇ କାବ୍ୟଗ୍ରନ୍ଥ ''ସାରା ଆକାଶ ତୁମର''। ଗୁନ୍ଥା ହୋଇପାରି ନ ଥିବା ଶବ୍ଦ ତଥା ମହକି ପାରି ନ ଥିବା ଭାବ ବିଭବ ହିଁ ଏଇ କବିତା ପୁସ୍ତକର ମୂଳପୁଞ୍ଜି ; ଯାହା ପାଠକଙ୍କୁ ବାନ୍ଧି ରଖିବାରେ ସକ୍ଷମ ହେବ ବୋଲି ଆଶା କରାଯାଏ।



ବ୍ୟାକ୍ ପେଜ୍

# ଚମକ୍‌ଦାର ବ୍ଲୁ ବେରୀ

ଦେଖିବାକୁ ଏହା ଏକ ଛୋଟ, ଧାତବ-ନୀଳ ରଙ୍ଗର ମାର୍ବଲ କିମ୍ବା ବାଟି ଭଳି। ହେଲେ ପ୍ରକୃତରେ ଏହା ଏକପ୍ରକାରର ବେରୀ ବା କୋଳି, ଯାହାକି ପୃଥିବୀର ସବୁଠାରୁ ଚମକଦାର ବେରୀ ଭାବେ ପରିଚିତ। ଏହାର ନାଁ ହେଉଛି ପୋଲିଆ କଣ୍ଡେନସାଟା। ଏହା ମାର୍ବଲ ବେରୀ ନାମରେ ମଧ୍ୟ ଜଣାଯାଏ। ଏହା ଆଫ୍ରିକାରେ ଦେଖାଯାଉଥିବା ଏକ ବିରଳ ଉଦ୍ଭିଦ, ଯାହାର ଗାଢ଼ ଏବଂ ଔଜ୍ଜଲ୍ୟମାନ ନୀଳ ରଙ୍ଗ କୌଣସି ପିଗମେଣ୍ଟ ବା ରଙ୍ଗଦ୍ରବ୍ୟ ବିନା, କେବଳ ଏହାର ଗଠନମୂଳକ ରଙ୍ଗ ଯୋଗୁଁ ହୋଇଥାଏ। ଅର୍ଥାତ୍ ଏହାର କୋଷଗୁଡିକର କାନ୍ଥ ବା ସେଲ୍ ୱାଲରେ ସେଲ୍ୟୁଲେଜର



ସୂକ୍ଷ୍ମ ଆସ୍ତରଣ ଥାଏ। ଯାହା ଆଲୋକକୁ ପ୍ରତିଫଳିତ କରି ମାର୍ବଲ ଭଳି ଚମକ ସୃଷ୍ଟି କରିଥାଏ। ବୈଜ୍ଞାନିକଙ୍କ ଅନୁସାରେ ଏହା ଜୀବଜଗତର ସବୁଠାରୁ ଚମକଦାର ବସ୍ତୁ। ଯାହା କୌଣସି ଦର୍ପଣ ଭଳି ୩୦% ପ୍ରକାଶକୁ ପ୍ରତିଫଳିତ କରିପାରେ। ଯେହେତୁ ଏହାର ନୀଳ ରଙ୍ଗ ଏହାର ସଂରଞ୍ଚନା ପାଇଁ ହୋଇଥାଏ, ତେଣୁ ଏହି ବେରୀ ସୁଖିଲା ପରେ ବି ନିଜର ଚମକଦାର ନୀଳ ରଙ୍ଗ ହରାଇ ନ ଥାଏ। ଆଫ୍ରିକାରେ ଏହାକୁ ସଜାଇବା ପାଇଁ ମଧ୍ୟ ବ୍ୟବହାର କରାଯାଏ। ଏହି ବେରୀ ଖାଇବା ପାଇଁ ଅନୁପଯୁକ୍ତ, କାରଣ ଏହା ବହୁତ ଶକ୍ତ ଏବଂ ଏଥିରେ କୌଣସି ପଲ୍ପ ବା ମାଂସାଳ ଅଂଶ ନଥାଏ।







# ଘର ଭିତରେ ସମୁଦ୍ର

ଯଦି ଆକ୍ୱାମ୍ୟାନଙ୍କର ସ୍ଥଳଭାଗରେ କୌଣସି ଘର ଥାଆନ୍ତା ତେବେ ବୋଧହୁଏ ତାହା ଏହି ରୁଷୀୟ ଆପାର୍ଟମେଣ୍ଟ ପରି ଦେଖାଯାଉଥାନ୍ତା। ଘର ନୁହେଁ ତ ପୁରା ବାଲୁକାମୟ ସମୁଦ୍ର ବେଳାଭୂମି। ଚଟାଣ ଏମିତି ଯେ, ଲାଗେ ସତେ ଯେମିତି ନୀଳ ସମୁଦ୍ରର ଜଳ ଢେଉ ଖେଳୁଛି। ତା'ସହ ସେହି ଜଳରେ ପୁଣି ଦେଖିବାକୁ ମିଳେ ଡ଼ଲଫିନ, ଷ୍ଟାରଫିଶ୍, ଶାମୁକା ଓ ଅନ୍ୟାନ୍ୟ ସାମୁଦ୍ରିକ ଜୀବ। ତେବେ ଏସବୁ ସତସତିକା ନୁହେଁ, ବରଂ ଏସବୁ ଚିତ୍ର। ହେଲେ ଏସବୁକୁ ଏତେ ବାସ୍ତବଭାବେ କରାଯାଇଛି ଯେ, ତଳେ ପାଦ ରଖିବାବେଳେ ବେଳାଭୂମିରେ ପାଦ ରଖିବା ଭଳି ଅନୁଭବ ହେବ। ତେବେ ଖାଲି ଚଟାଣ ନୁହେଁ, ଏହି ଘରର କାନ୍ଥକୁ ବି ବେଳାଭୂମି ସହ ଖାପ ଖୁଆଇବା ଭଳି କରାଯାଇଛି। କାନ୍ଥରେ ଦେଖିବାକୁ ମିଳେ ବାଦଲଘେରା ଆକାଶର ଚିତ୍ର। ଯାହାକି ବେଶ୍ ଚମତ୍କାର ଲାଗେ। ବେଳାଭୂମି ପ୍ରିୟ ମଣିଷଙ୍କୁ ୨୪୦ ବର୍ଗ ମିଟରର ଓ ୩୭୬,୦୦୦ ଡଲାରର ଏହି ଆପାର୍ଟମେଣ୍ଟଟି ନିଶ୍ଚିତଭାବେ ସ୍ୱର୍ଗ ପରି ଅନୁଭବ ଦେବ।



# ଗୋରିଲା ସୋଫା

ଏ ହେଉଛି ଏମିତି ଏକ ସୋଫା ଯାହାକୁ ଦେଖି ଲୋକେ ଭୟରେ ଘରେ ପଶିବେନି। ଭାବୁଥିବେ ଇଏ କେମିତିକା ସୋଫା ଯେ, ଲୋକେ ଡ଼ରିଯିବେ। ପ୍ରକୃତରେ ଏହା ହେଉଛି ଗୋରିଲା ସୋଫା, ଯାହାକି ଦେଖିବାକୁ ଅବିକଳ ଗୋରିଲା ଭଳି। ଦେଖିବାକୁ ଭୟଙ୍କର ଗୋରିଲା ଭଳି ହୋଇଥିଲେ ହେଁ ଏହା ବହୁତ ନରମ ଓ ଆରାମଦାୟକ। ଏହାର ଢାଞ୍ଚା ବହୁତ ମଜବୁତ, ଯାହାଦ୍ୱାରା ବସିବା ପାଇଁ ଅଧିକ ଆରାମ ମିଳେ। ତେଣୁ ଏହାର ଲୋକପ୍ରିୟତା ବଢିବାରେ ଲାଗିଛି। ଏହା ବିଭିନ୍ନ ଆକାରରେ ଉପଲବ୍ଧ, ତନ୍ମଧ୍ୟରୁ ସବୁଠାରୁ ଲୋକପ୍ରିୟ ହେଉଛି ବଡ଼ ଆକାରର କାଉଚ। ଏଥିରେ ଏକାଧିକ ଲୋକ ବସିପାରିବେ। ଛୋଟ ପିଲାଙ୍କଠାରୁ ଆରମ୍ଭ କରି ବଡ଼ମାନଙ୍କ ପର୍ଯ୍ୟନ୍ତ ସମସ୍ତେ ଏହି କାଉଚର ପ୍ରଶଂସକ। ଏହାର ଅଧିକ ବସିବା କ୍ଷମତା ଯୋଗୁଁ ଏହା ମୁଭି ନାଇଟ, ଆରାମରେ ବସିବା ଏବଂ ଖେଳକୁଦ ପାଇଁ ବହୁତ ଭଲ, ଯାହା ରୁମରେ ଏକ ଖୁସିର ବାତାବରଣ ଭରିଦିଏ। ଗୋରିଲା କାଉଚର ବଢୁଥିବା ଲୋକପ୍ରିୟତା ଯୋଗୁଁ ଏହା ଅନେକ ଅନଲାଇନ ଷ୍ଟୋର୍, ସ୍ୱତନ୍ତ୍ର ଆସବାବପତ୍ର ଦୋକାନରେ ଉପଲବ୍ଧ ହେଉଛି।